## ଝାଡ଼ାବାନ୍ତିରେ ଆଉ ୪୫ ଆକ୍ରାନ୍ତ

**କଣାସ, ୨୩।୧ (ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତର ନୂଆଗାଁରେ ଦୀର୍ଘ ୨୦ଦିନ ହେଲା ଝାଡ଼ାବାନ୍ତି ଲାଗି ରହିଛି। ଏହି ଝାଡ଼ାବାନ୍ତିରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଆକ୍ରାନ୍ତ ହୋଇଥିଲେ। ଗୁରୁବାର ଆଉ ୪୫ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନିକଟସ୍ଥ ଗ୍ରାମ ନଈକୂଳପାଟଣା, ଗଡ଼ିଶାଗୋଦା, ଜାଗୁଳେଇପଦର, କଳାପଦର, ଗୋପୀନାଥପୁର, ହରିପୁର ଗ୍ରାମରେ ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଦୈନନ୍ଦିନ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ଅଧିକାରୀମାନେ ଘନଘନ କଣାସ ଅଞ୍ଚଳ ଗସ୍ତ କରିବା ସହିତ ବିଜେଡି, ଭାଜପା ଏବଂ ଗୁରୁବାର କଂଗ୍ରେସ ଦଳର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନଙ୍କ ନେତୃତ୍ୱରେ ୬ଜଣିଆ ଟିମ୍ ଝାଡ଼ାବାନ୍ତି ଅଞ୍ଚଳ ବୁଲି ସ୍ଥିତି ସମୀକ୍ଷା କରିଛନ୍ତି। ଆଜି ନୂତନ ଭାବେ ପାଇକମରା ଗ୍ରାମର ୩୪ଜଣ, ସାନପଡ଼ା ଗ୍ରାମର ୮ଜଣ, ନୂଆଗାଁ ଗ୍ରାମର ୨ଜଣ ଓ ଅନ୍ୟାନ୍ୟ ଗ୍ରାମରୁ ୨ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

# ଭୟ ଦୂର ହେବ, ଡ୍ରପ୍‌ଆଉଟ୍ ହାର କମିବ


କର୍ମଶାଳାରେ ଏନ୍‌ଇପି-୨୦୨୦ ସଂକ୍ରାନ୍ତରେ ବିଭିନ୍ନ ଗ୍ରୁପ୍ ଆଲୋଚନା କରୁଛନ୍ତି।

## ଜାତୀୟସ୍ତରୀୟ ଏନ୍‌ଇପି-୨୦୨୦ କର୍ମଶାଳା

### ଏକକ ରାଜ୍ୟ ପାଠ୍ୟକ୍ରମ, ସାଂସ୍କୃତିକ-ଭାଷାଗତ ବିବିଧତାକୁ ପ୍ରାଧାନ୍ୟ

**ଭୁବନେଶ୍ୱର, ୨୩।୧ (ସୁଚିସ୍ମିତା ସାହୁ)**

ରାଜ୍ୟରେ ଅଧିକ ପାଠ୍ୟକ୍ରମ ରହୁଥିବାରୁ ଛାତ୍ରୀଛାତ୍ରଙ୍କ ମନରେ ଥିବା ଭୟ ଜାତୀୟ ଶିକ୍ଷା ନୀତି-୨୦୨୦ ଲାଗୁ ପରେ ଦୂର ହେବ। ସେମାନେ ପାଠକୁ ଯେପରି ସରଳ ଭାବେ ବୁଝିପାରିବେ ଓ ପଢ଼ିପାରିବେ ସେଥିପାଇଁ ସରକାର ଧ୍ୟାନ ଦେଇଛନ୍ତି। ତେଣୁ ଏହି ନୂଆ ଶିକ୍ଷାନୀତି ଲାଗୁ ହେବା ପରେ ରାଜ୍ୟରେ ଡ୍ରପ୍‌ଆଉଟ୍ ହାର କମିବ ବୋଲି ଆଶା କରାଯାଇଛି। ଏଥିସହ ଶିକ୍ଷକଙ୍କ ଶିକ୍ଷାଦାନ ଅଭିଜ୍ଞତାକୁ ବିକାଶ କରାଯିବ। ପରୀକ୍ଷା ମୂଲ୍ୟାଙ୍କନ ତ୍ୱରାନ୍ୱିତ ହେବା ସହ ପରୀକ୍ଷାରେ ସ୍ୱଚ୍ଛତା ରହିବ। ସେହିପରି ଓଡିଶାରେ ଥିବା ବିଭିନ୍ନ ସାଂସ୍କୃତିକ ରୀତିନୀତିଠାରୁ ଆରମ୍ଭ କରି ବିଭିନ୍ନ ଭାଷାରେ ପ୍ରଚଳିତ ଭାଷାକୁ ପାଠ୍ୟକ୍ରମରେ ଗୁରୁତ୍ୱ ଦିଆଯିବ। ପିଲାମାନେ ଯେପରି ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ରାଜ୍ୟରେ ବିଭିନ୍ନ ଆଞ୍ଚଳିକ ଭାଷାର ବ୍ୟବହାର ହେଉଥିବାରୁ ନୂଆ ପାଠ୍ୟଖସଡ଼ାରେ ସେହି ଭାଷାଗୁଡିକୁ ଗୁରୁତ୍ୱ ଦିଆଯିବ। ରାଜ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଠାରେ ଚାଲିଥିବା ତିନିଦିନିଆ କର୍ମଶାଳାର ଗୁରୁବାର ଶେଷ ଦିବସରେ ଏସବୁ ଉପରେ ଦଶଟି ଗ୍ରୁପ୍ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟ, ମଧ୍ୟ ଏବଂ ମାଧ୍ୟମିକ ପର୍ଯ୍ୟାୟ, ମାଧ୍ୟମିକ ପର୍ଯ୍ୟାୟ-୨ ଜରିଆରେ ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ଉପରେ ଧ୍ୟାନ ଦିଆଯାଇଥିଲା। ବିଦ୍ୟାଳୟ ପରିଚାଳନା ଓ ବିଦ୍ୟାଳୟସ୍ତରରୁ କିପରି ଛାତ୍ରୀଛାତ୍ର ଐତିହ୍ୟ ସମ୍ପର୍କରେ ଜାଣିପାରିବେ ସେନେଇ ଆଲୋଚନା ହୋଇଥିଲା। ସେହିପରି ଶିଶୁବାଟିକା ପରିଚାଳନା ଓ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି, ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ବିକାଶ, ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଏବଂ ଇଣ୍ଟରନେଟ ସଂଯୋଗୀକରଣ ସମ୍ପର୍କରେ ପ୍ରେଜେଣ୍ଟେଶନ ମାଧ୍ୟମରେ ଆଲୋଚନା କରାଯାଇଥିଲା। ପ୍ରଶାସନିକ ଅଧିକାରୀଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ନୂତନ ଶିକ୍ଷଣପ୍ରଣାଳୀ ବିଷୟରେ ଶିକ୍ଷକଙ୍କୁ ସଚେତନ କରିବା ନେଇ ଗ୍ରୁପଗୁଡିକ ନିଜ ମତ ପ୍ରକାଶ କରିଛନ୍ତି।


ଗୁରୁବାର ରାତି ୧୧ଟା ୨୩ରେ ପୁରୀ ବଡ଼ଦାଣ୍ଡ କୁହୁଡ଼ିରେ ଆଚ୍ଛାଦିତ ହୋଇପଡ଼ିଛି। (ଫଟୋ: ଯଜ୍ଞେଶ୍ୱର)

## ପିଆଇବି ଆକ୍ରିଡିଟେଶନ୍ କମିଟି ସଦସ୍ୟ ହେଲେ ସୁଧୀର ପଣ୍ଡା

**ଭୁବନେଶ୍ୱର, ୨୩।୧ (ବନ୍ଦନା ସେଠୀ)**



ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ସେଣ୍ଟର ମିଡିଆ ଆକ୍ରିଡିଟେଶନ୍ କମିଟି (ସିଏମ୍‌ଏସି) ଗଠିତ ହୋଇଛି। ଏହି କମିଟିରେ ଓଡ଼ିଶାର ଦୈନିକ ଖବରକାଗଜ 'ପ୍ରତିଦିନ'ର ବରିଷ୍ଠ ଖବରଦାତା ସୁଧୀର କୁମାର ପଣ୍ଡା ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। କମିଟିରେ ସେ ଏକମାତ୍ର ଓଡିଆ ଭାବେ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ସୁଧୀର ଆଞ୍ଚଳିକ ମିଡିଆଗୁଡିକର ଖବରଦାତା ଓ ଫଟୋଗ୍ରାଫରଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବେ। ଏହି କମିଟି ସାଧାରଣତଃ ୨ବର୍ଷ ପାଇଁ କାର୍ଯ୍ୟ କରିଥାଏ। ପିଆଇବି ଆକ୍ରିଡିଟେଶନ ପାଇଁ ନୂଆଦିଲ୍ଲୀରେ ଦେଶର ବିଭିନ୍ନ ଖବରକାଗଜ, ସାଟେଲାଇଟ୍ ନ୍ୟୁଜ୍ ଚ୍ୟାନେଲ ଓ ୱେବସାଇଟ୍‌ଗୁଡିକର ଖବରଦାତା ଓ ଫଟୋଗ୍ରାଫର ଆବେଦନ କରିଥାନ୍ତି। ସେମାନଙ୍କ ଦରଖାସ୍ତଗୁଡିକୁ ତର୍ଜମା କରାଯିବା ପରେ କମିଟି ବିଚାର କରି ନିଷ୍ପତ୍ତି ନେଇଥାଏ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶୁଭମ୍


@ ପ୍ରେମାନନ୍ଦ


@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜିଠୁ ନେକ୍ସସ ଏସ୍‌ପ୍ଲାନେଡ୍‌ରେ ରିପବ୍ଲିକ୍ ଡେ' ସେଲ୍



**ଭୁବନେଶ୍ୱର, ୨୩।୧ (ଅଭୟ ଦାଶ)**

ନେକ୍ସସ ଏସ୍‌ପ୍ଲାନେଡ୍ ମଲ୍‌ରେ 'ରିପବ୍ଲିକ୍ ଡେ' ସେଲ୍' ସମ୍ପର୍କରେ ଗୁରୁବାର ଘୋଷଣା କରାଯାଇଛି। ଏହି ସେଲ୍ ୨୦୨୫ ଜାନୁୟାରୀ ୨୪ ରୁ ୨୬ ପର୍ଯ୍ୟନ୍ତ ଚାଲିବ ବୋଲି ନେକ୍ସସ ପକ୍ଷରୁ ବିସ୍ତୃତଭାବେ ସୂଚନା ଦିଆଯାଇଛି। ଭୁବନେଶ୍ୱରର ସବୁଠାରୁ ପସନ୍ଦର ଶପିଂ ଡେ' ସେଲ୍ ସମ୍ପର୍କରେ ଘୋଷଣାକରି ଆମେ ବେଶ୍ ଖୁସି ଅନୁଭବ କରୁଛୁ। ଏହି ଅବସରରେ ଗ୍ରାହକମାନେ ନିଜ ପସନ୍ଦର ବ୍ରାଣ୍ଡ ଉପରେ ସର୍ବୋତ୍ତମ ରିହାତି ପାଇପାରିବେ ଏବଂ ଫ୍ଲାଟ୍ ୫୦% ସହ ଏହା ସହରର ସମସ୍ତଙ୍କ ପାଇଁ ଚୂଡ଼ାନ୍ତ ଶପିଂ ସୁଯୋଗ ପାଲଟିଛି। ସେହିଭଳି ଏହି ସେଲ୍‌ରେ ଶୀର୍ଷ ଅନ୍ତର୍ଜାତୀୟ ଏବଂ ଭାରତୀୟ ବ୍ରାଣ୍ଡଗୁଡ଼ିକ ଅଂଶଗ୍ରହଣ କରୁଥିବାରୁ ଫ୍ୟାସନ, ସୌନ୍ଦର୍ଯ୍ୟ, ଜୋତା ଏବଂ ଏଫ୍ ଆଣ୍ଡ ବି ଉତ୍ପାଦରେ ୧୦୦ରୁ ଅଧିକ ବ୍ରାଣ୍ଡ୍ ଉପରେ ଅତୁଳନୀୟ ଡିଲ୍ ଉପଲବ୍ଧ ହେଉଛି, ଯାହା ସମସ୍ତଙ୍କ ପାଇଁ କିଛିନା କିଛି ସୁନିଶ୍ଚିତ କରିବ।

## ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ କ୍ଲିୟରାନ୍ସକୁ ଅନୁମୋଦନ

**ଭୁବନେଶ୍ୱର, ୨୩।୧ (ଅନୁରାଧା ମହାରଣା)**

### ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ

ପୂର୍ବତଟ ରେଳପଥ ଅଧୀନ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ପାଇଁ ଦଶପଲ୍ଲା ଓ ଆଡ଼େଣିଗଡ଼ ମଧ୍ୟରେ ଥିବା ରେଳ ସେକ୍ସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ କ୍ଲିୟରାନ୍ସକୁ ଅନୁମୋଦନ ମିଳିଛି। ମୋଟ ୩୦୧ କି.ମି. ରେଳ ଲାଇନ ମଧ୍ୟରୁ ୨୨୬ କିମି ରେଳ ମାର୍ଗ ସମ୍ପୂର୍ଣ୍ଣ ହୋଇଛି। ଏଥିରେ ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିମି ଏବଂ ବଲାଙ୍ଗୀରରୁ ପୁରୁଣାକଟକ ପର୍ଯ୍ୟନ୍ତ ୧୨୦ କିମି ରହିଛି। ପୁରୁଣାକଟକ ଏବଂ ଦଶପଲ୍ଲା ମଧ୍ୟରେ ଅବଶିଷ୍ଟ ୭୫ କି.ମି. ପାଇଁ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏହି ପ୍ରକଳ୍ପ ପାଇଁ ୩,୨୭୪.୩୩୬ ହେକ୍ଟର ଜମି ଅଧିଗ୍ରହଣ ଆବଶ୍ୟକ ଥିଲା, ଯେଉଁଥିରେ ୭୪୬.୪୨ ହେକ୍ଟର ଜଙ୍ଗଲ ଜମି ରହିଛି। ଏଥିରୁ ୫୯୪.୬୧୮ ହେକ୍ଟର ଘନ ଜଙ୍ଗଲ ରହିଥିବାବେଳେ ପ୍ରମୁଖ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଏଡାଇବା ଏବଂ ଆଖପାଖର ପରିବେଶ ଉପରେ ପ୍ରଭାବକୁ କମ୍ କରିବା ପାଇଁ ସତର୍କତାର ସହିତ ଯୋଜନା କରାଯାଇଥିବା ରେଳପଥ ଦର୍ଶାଇଛି। ପରିବେଶ ମନ୍ତ୍ରଣାଳୟ ଓ ବନ ବିଭାଗ ସହିତ ପରାମର୍ଶ କରି ପ୍ରକଳ୍ପ ଦଳ ଏକ ବ୍ୟାପକ ବନ୍ୟପ୍ରାଣୀ ସଂରକ୍ଷଣ ଯୋଜନା ବିକଶିତ କରାଯାଇଥିବାବେଳେ ଓପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ)ଙ୍କ ଦ୍ୱାରା ଅନୁମୋଦନ କରାଯାଇଛି। ନିର୍ମାଣ ସମୟରେ ପଶୁପକ୍ଷୀଙ୍କ ଯାତାୟାତ (ଉଭୟ ରେଳ ଲାଇନ ଉପରେ ଏବଂ ତଳେ) ଏବଂ ଜଳପଥରେ ବନ୍ୟପ୍ରାଣୀଙ୍କ ଚଳାଚଳ ପାଇଁ ସେତୁ ଭଳି ବ୍ୟବସ୍ଥା କରାଯାଇଛି। ଏହି ପ୍ରକଳ୍ପଟି ବନ୍ୟପ୍ରାଣୀ ଅଭୟାରଣ୍ୟ ସମେତ ପରିବେଶଗତ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ସଫଳତାର ସହ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବାକୁ ଭାୟାଡକ୍ଟ, ଅଣ୍ଡରପାସ ଏବଂ ଓଭରପାସ ନିର୍ମାଣ ଡିଜାଇନରେ ସାମିଲ କରାଯାଇଛି। ଏହା ସହିତ ଜଙ୍ଗଲ ଜମି ଅଧିଗ୍ରହଣକୁ କମ୍ କରିବା ଏବଂ ପରିବେଶଗତ ପ୍ରଭାବକୁ ହ୍ରାସ କରିବା ପାଇଁ ୭ଟି ସୁଡ଼ଙ୍ଗ ଏବଂ ଏକ ୪.୮ କିମି ଭାୟାଡକ୍ଟ ଯୋଜନା କରାଯାଇ ନିର୍ମାଣ କାର୍ଯ୍ୟ ଜାରି ରହିଛି।

## ନେତାଜୀଙ୍କ ସ୍ମୃତିଚାରଣ କଲା ଆଜାଦ୍ ହିନ୍ଦ ଫୌଜ ସଂଘ

**ଭୁବନେଶ୍ୱର, ୨୩।୧ (ବନ୍ଦନା ସେଠୀ)**

ଓଡ଼ିଶା ରାଜ୍ୟ ଆଜାଦ୍ ହିନ୍ଦ ଫୌଜ ସଂଘ ପକ୍ଷରୁ ସୁଭାଷ ବୋଷଙ୍କ ୧୨୮ ତମ ଜୟନ୍ତୀ ୟୁନିଟ୍-୩ସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ବସନ୍ତ କୁମାର ପାଇକରାୟ ସଭାପତିତ୍ୱ କରି ବିପ୍ଲବୀ ସୁଭାଷ ବୋଷ କିପରି ଦିଲ୍ଲୀ ଚଲୋ ଡାକରା ଦେବା ସହ ଭାରତୀୟ ବନ୍ଦୀ କଏଦୀଙ୍କ ସଂଗଠନ, ଆଜାଦ ହିନ୍ଦ ଫୌଜ ଗଠନ, ସାମ୍ୟବାଦୀ ନୀତିକୁ ଅଗ୍ରାଧିକାର, ବ୍ରିଟିଶ୍‌ଙ୍କୁ ବହିଷ୍କାର କରିବା ପାଇଁ ଆହ୍ୱାନ ଦେଇ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଉଥିଲେ ସେ ବିଷୟରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ତ୍ରିପାଠୀ, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ରାମଚନ୍ଦ୍ର ସାହୁ, ପ୍ରସନ୍ନ ଲେଙ୍କା, ଭରତ ସାହୁ, ରମେଶ ମହାପାତ୍ର, ତ୍ରିଲୋଚନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନେତାଜୀଙ୍କ ବୈପ୍ଳବିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।


ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଚାଲିଥିବା ଅଭ୍ୟାସ ପରେଡ୍‌ରେ ଡେୟାର ଡେଭିଲ୍ ଶୋ'।




**କୋଣାର୍କରେ ଖୋଲିଲା ଧାନମଣ୍ଡି**

କୋଣାର୍କ,(ଜ୍ୟୋତିରାଜ ମହାନ୍ତି)-କୋଣାର୍କ ଏନ୍ଏସି ଅଧୀନସ୍ଥ କୋଣାର୍କ ସେବା ସମବାୟ ସମିତି ପକ୍ଷରୁ ଖରିଫ ଧାନ କ୍ରୟ କରିବା ପାଇଁ ଧାନମଣ୍ଡି ଶୁଭାରମ୍ଭ କରାଯାଇଛି। କୋଣାର୍କ ସେବା ସମବାୟ ସମିତି ସଭାପତି ଅଜୟ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଅତିଥି ଭାବେ କୋଣାର୍କ ଏନ୍ଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ନୋଡାଲ୍ ଅଫିସର ନାରାୟଣ ମହାରଣା, ସମିତି ସମ୍ପାଦକ ସତ୍ୟଜିତ୍ ବେହେରା, ସମିତିର ବରିଷ୍ଠ ସଭ୍ୟ କର୍ଣ୍ଣ ସାସମଲ ବୋର୍ଡ ମେମ୍ବର ସୁଶାନ୍ତ କୁମାର ବେଉରା ଉପସ୍ଥିତ ଥିଲେ। ନୋଡାଲ ଅଫିସର୍ ନାରାୟଣ ମହାରଣା, ମିଲର୍ ହିମାଦ୍ରି ରାଇସ୍ ମିଲର୍ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଚାଷୀଙ୍କ ଧାନର ମାନ ପରୀକ୍ଷା କରିଥିଲେ। ୩୫ରୁ ଊର୍ଦ୍ଧ୍ୱ ଚାଷୀ ସେମାନଙ୍କ ଉତ୍ପାଦିତ ଧାନ ଫସଲ ମଣ୍ଡିରେ ବିକ୍ରି କରିଥିବା ସମିତିର ସଭାପତି ଅଜୟ କୁମାର ବେହେରା କହିଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୧।୨୦୨୫

| | |
|---|---|
| ୬,୬୧,୬୮୫ ଟଙ୍କା | |
| ସୁନା | ୦.୦୫୦ ଗ୍ରାମ୍ |
| ରୁପା | ୨୩.୫୦୦ ଗ୍ରାମ୍ |

# ଅସ୍ତରଙ୍ଗରେ ପ୍ରସ୍ତାବିତ ବନ୍ଦରକୁ ବିରୋଧ

- ଜନଶୁଣାଣିରେ ମତ ରଖିଲେ ଅଞ୍ଚଳବାସୀ
- ଭିଟାମାଟି ହରାଇବୁ, ପରିବେଶ ନଷ୍ଟ ହେବ'

ଅସ୍ତରଙ୍ଗ,୨୩।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗରେ ପ୍ରସ୍ତାବିତ ବନ୍ଦର ବିରୋଧରେ ସ୍ୱର ତୀବ୍ର ହେବାରେ ଲାଗିଛି। 'ଏଠାରେ ବନ୍ଦର ପ୍ରତିଷ୍ଠା ହେଲେ ସ୍ଥାନୀୟ ଲୋକେ ଭିଟାମାଟି ହରାଇବେ ଏବଂ ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ମରିବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ କି କୌଣସି ପରିସ୍ଥିତିରେ ବନ୍ଦର ପ୍ରତିଷ୍ଠା ହେବାକୁ ଦେବୁନାହିଁ' ବୋଲି ରୋକଠୋକ ଶୁଣାଇଛନ୍ତି ଅଞ୍ଚଳବାସୀ। ଗୁରୁବାର ସୁନ୍ଦରସ୍ଥିତ ସୁରେନ୍ଦ୍ରନାଥ ନୋଡାଲ ବିଦ୍ୟାପୀଠ ପରିସରରେ ପ୍ରସ୍ତାବିତ ବନ୍ଦର ପାଇଁ ତୃତୀୟ ପର୍ଯ୍ୟାୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବାସିନ୍ଦା ତଥା ବିସ୍ଥାପିତ ହେବାକୁଥିବା ଅଞ୍ଚଳର ସହସ୍ରାଧିକ ମହିଳା ପୁରୁଷ ଓ ଛାତ୍ରୀଛାତ୍ର ସାମିଲ ହୋଇ ପ୍ରସ୍ତାବିତ ବନ୍ଦର ବିରୋଧରେ ସ୍ଲୋଗାନ ଦେଇ ଏବଂ ପ୍ଲାକାର୍ଡ ଧରି ପଦଯାତ୍ରାରେ କଣମଣ ଛକଠାରୁ ବାହାରି ଜନଶୁଣାଣି ସ୍ଥଳରେ ପହଞ୍ଚିଥିଲେ।

ଜନଶୁଣାଣିରେ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିଜର ମତ ରଖିଥିଲେ। ବନ୍ଦର ସ୍ଥାପନ ହେଲେ ସ୍ଥାନୀୟ ଲୋକେ ନିଜ ଜୀବନଜୀବିକା ହରାଇବେ। ଜୈବ ବିବିଧତା ଓ ପରିବେଶ ନଷ୍ଟ ହେବା ସହ ଅଲିଭ୍ ରିଡ୍ଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହେବ ବୋଲି ସେମାନେ କହିଥିଲେ। ତେଣୁ ଜୀବନ ପଛେ ଚାଲିଯିବ, କିନ୍ତୁ ନିଜ ଭିଟାମାଟି ଛାଡ଼ିବୁ ନାହିଁ। ଏଥିଲାଗି ଜୀବନର ଶେଷ ରକ୍ତବିନ୍ଦୁ ଥିବା ଯାଏ ଲଢ଼ିବୁ ବୋଲି ସେମାନେ ରୋକ୍‌ଠୋକ୍ ଶୁଣାଇଥିଲେ। ପୀରଜାହାନିଆ ଭିଟାମାଟି ସୁରକ୍ଷା ମଞ୍ଚ ସମେତ ୧୨ଟି ଗ୍ରାମର ଅଧିବାସୀ ତଥା ବିସ୍ଥାପିତ ହେବାକୁଥିବା ଲୋକେ ଏକତ୍ର ହୋଇ ବନ୍ଦର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏଥିସହ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇ ସେମାନଙ୍କ ମତ ରଖିଥିଲେ। ଜନଶୁଣାଣିରେ ପୁରୀ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ରାଜ୍ୟ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡ. ସୋହନ ଗିରି, ଉପନିର୍ଦ୍ଦେଶକ ସୌମେନ୍ଦ୍ରନାଥ ମହାନ୍ତି, ସହାୟକ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ ମଲ୍ଲିକ, ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କୈବଲ୍ୟ କୁମାର କର, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ ଏବଂ ବିଭିନ୍ନ ଥାନାର ଅଧିକାରୀଙ୍କ ସମେତ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଏ ନେଇ ଅତିରିକ୍ତ ଜିଲାପାଳ ମହାପାତ୍ର କହିଛନ୍ତି, 'ସ୍ଥାନୀୟ ଅଞ୍ଚଳବାସୀ ଲିଖିତ ଭାବେ ଓ ନିଜ ଅଭିଭାଷଣରେ ମତ ଦେଇଛନ୍ତି। ଆଉ ଜନଶୁଣାଣି ହେବ ନାହିଁ। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜନଶୁଣାଣି ଶେଷ କରିଛୁ। ଆଗକୁ କୋର୍ଟ ଏବଂ ସରକାରଙ୍କ ନିର୍ଦ୍ଦେଶ ଓ ନିଷ୍ପତ୍ତି ମୁତାବକ ପରବର୍ତ୍ତୀ ପଦକ୍ଷେପ ନିଆଯିବ।' ସୂଚନାଯୋଗ୍ୟ, ଜିଲା ପ୍ରଶାସନ ପକ୍ଷରୁ ସେପ୍ଟେମ୍ବର ୧୩ ଓ ଜାନୁଆରୀ ୨୧ରେ ଜନଶୁଣାଣି ହୋଇଥିଲା। ଅସ୍ତରଙ୍ଗରେ ମଲ୍ଟି ୟୁଜର ଗ୍ରୀନ୍ ଫିଲ୍ଡ ବନ୍ଦର ସ୍ଥାପନ ନିମନ୍ତେ ଓଡ଼ିଶା ସରକାର ଏବଂ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଲିଜ ସୂତ୍ରରେ ମୋଟ ୩୮୯୯.୯୮୭ ଏକର ଜମିରେ ବନ୍ଦର ସ୍ଥାପନ କରାଯିବ। ମୋଟ ପ୍ରକଳ୍ପର ମୂଲ୍ୟ ୭୪୧୭ କୋଟି ଟଙ୍କା ରହିଛି।



ଜଣଶୁଣାଣିରେ ଉପସ୍ଥିତ ଅଞ୍ଚଳବାସୀ ।

## ରାଷ୍ଟ୍ରପତି ଭବନ କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରସନ୍ନ

ଅସ୍ତରଙ୍ଗ,୨୩।୧(ପ୍ରଦୀପ୍ତ କୁମାର ଦୀକ୍ଷିତ)



ଦିଲ୍ଲୀରେ ଆଗାମୀ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଭବନରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ ହେବ। ସେଥିରେ ଯୋଗଦେବା ପାଇଁ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ ଅଧୀନ ନଗର ଗ୍ରାମର ମତ୍ସ୍ୟଜୀବୀ ନେତା ପ୍ରସନ୍ନ ବେହେରାଙ୍କୁ ନିମନ୍ତ୍ରଣ ମିଳିଛି। ସାଧାରଣତନ୍ତ୍ର ଦିବସରେ ଆସିଥିବା ବିଶିଷ୍ଟ ଅତିଥିଙ୍କଠାରୁ ଆରମ୍ଭକରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀମଣ୍ଡଳର ସଦସ୍ୟ ଏବଂ ଗଣ୍ୟମାନ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି। ଆମନ୍ତ୍ରିତ ଅତିଥିମାନେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ପାଇଥାନ୍ତି। ଏ ନେଇ ରାଷ୍ଟ୍ରପତି ଭବନରୁ ପ୍ରସନ୍ନଙ୍କୁ ନିମନ୍ତ୍ରଣପତ୍ର ମିଳିଛି। ନିମନ୍ତ୍ରଣ ପାଇଁ ସେ ଖୁବ୍ ଖୁସି ବୋଲି ପ୍ରସନ୍ନ କହିଛନ୍ତି।

## ସଂଗ୍ରହାଳୟରେ ନେତାଜୀ ଜୟନ୍ତୀ

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ନେତାଜୀ ସଂଗ୍ରହାଳୟରେ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ତଥା ପରାକ୍ରମ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ନେତାଜୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରାଇଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ନେତାଜୀ ସ୍ମୃତି ପରିଷଦ ପୁରୀର ସଭାପତି ବିପିନାନନ୍ଦ ମିଶ୍ର, ଆବାହକ ଆଇନଜୀବୀ ଶିବ ପ୍ରସାଦ ମିଶ୍ର, ସମ୍ପାଦକ ଜଗନ୍ନାଥ ଦେଓ, ଜ୍ୟୋତି ପ୍ରକାଶ ନାୟକ, ନୀଳକଣ୍ଠ ମହାରଣା, ଗୁନା ନାୟକ, ଶ୍ୟାମ ସୁନ୍ଦର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସଂଗ୍ରହାଳୟର ମରାମତି ଓ ଉନ୍ନୟନ କାର୍ଯ୍ୟ ଚାଲୁଥିବାରୁ ଅତିରିକ୍ତ ଜିଲାପାଳ ବେହେରା ଏହାର ଅନୁଧ୍ୟାନ କରିବା ସହ କାର୍ଯ୍ୟ ସମ୍ପର୍କରେ ସମ୍ପୃକ୍ତ ସଂସ୍ଥାକୁ ପଚାରି ବୁଝିଥିଲେ। ପରେ ସୁଭାଷ ବୋଷ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲାପାଳ ବେହେରା ଏବଂ ଅନ୍ୟ ଅଧିକାରୀମାନେ ମାଲ୍ୟାର୍ପଣ କରିଥିଲେ।


ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

### ସଂକ୍ଷେପରେ

## ଏଲ୍ଆଇ ଆଟେଣ୍ଡାଣ୍ଟଙ୍କୁ ମାଡ଼ ମାରିବା ଘଟଣା, ଜଣେ ଗିରଫ

ନିମାପଡ଼ା,୨୩।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଳୋ ଗ୍ରାମର ପ୍ରାଣୀ ସମ୍ପଦ ବିଭାଗର ଜଣେ କର୍ତ୍ତବ୍ୟରତ ଏଲ୍ଆଇ ହଟକିଶୋର ସାହୁଙ୍କୁ ତେରୁଣ୍ଡି ଗ୍ରାମର ଗୟା ଭୋଇ ନାମକ ଜଣେ ବ୍ୟକ୍ତି ଆକ୍ରମଣ କରିଛନ୍ତି। ହଟକିଶୋର ଜଣେ ବ୍ୟକ୍ତିଙ୍କ ଗୋରୁକୁ ଚିକିତ୍ସା କରିବାକୁ ତେରୁଣ୍ଡିଆ ଗ୍ରାମକୁ ଯାଉଥିଲେ। ଗୟା ନିଜ ଦାଣ୍ଡଦୁଆରେ ହଟକିଶୋରଙ୍କ ବାଇକକୁ ଅଟକାଇ ତାଙ୍କୁ ବଟି ମାଗିଥିଲା। ହଟକିଶୋର ପ୍ରତିବାଦ କରିବାରୁ ଗୟା ତାଙ୍କୁ ନିଘୁଙ୍କ ମାଡ଼ ମାରିବା ସହ ବିଭିନ୍ନ ଧମକଚମକ ଦେଇ ଜୋରଜବରଦସ୍ତି ୫୦୦ ଟଙ୍କା ଛଡ଼ାଇ ନେଇଥିଲେ। ଏଥିସହ କଟୁରି ଧରି ହାଣିବାକୁ ଉଦ୍ୟମ କରିଥିଲେ। ଏନେଇ ହଟକିଶୋର ବୁଧବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୨/୨୫ରେ ଏକ ମାମଲା ରୁଜୁ କରି ଗୟାଙ୍କୁ ଗୁରୁବାର ଗିରଫ କରିବା ସହ କୋର୍ଟଚାଲାଣ କରିଛି। ଜଣେ କର୍ତ୍ତବ୍ୟରତ କର୍ମଚାରୀଙ୍କୁ ଆକ୍ରମଣ କରାଯିବା ଘଟଣାକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଅସ୍ତରଙ୍ଗ,୨୩।୧(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ କୁଣ୍ଢେଇ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ସରପଞ୍ଚ ବଟକୃଷ୍ଣ ସାହୁ(୮୪)ଙ୍କର ବୁଧବାର ରାତିରେ ପରଲୋକ ହୋଇଯାଇଛି। ଗୁରୁବାର ଛାତ୍ରୀଛାତ୍ର, ଶିକ୍ଷକ ଓ ବିଶିଷ୍ଟ ବ୍ୟକ୍ତିମାନେ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶେଷଦର୍ଶନ କରିଥିଲେ। ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନଶିକ୍ଷକ ସଦାଶିବ ସାହୁଙ୍କ ସଭାପତିତ୍ୱରେ ୨ମିନିଟ୍ ନୀରବ ପ୍ରାର୍ଥନା ସହ ଶୋକସଭା ହୋଇଥିଲା। ଆଇନଜୀବୀ ପ୍ରଫୁଲ୍ଲ ନାୟକ, ସିପିଆଇ ନେତା ବିପିନ ବିହାରୀ ରାଉତ, ସୁରେଶ ଚନ୍ଦ୍ର ବିଶ୍ୱାଳ, ବିକାଶ ମୁଦୁଲି, ଅମରେଶ୍ୱର ନାୟକ, ସନାତନ ସାହୁ, ସୁଦର୍ଶନ ମହାନ୍ତି, ପ୍ରଧାନଶିକ୍ଷକ ସୁଶୀଳ ଖୁଣ୍ଟିଆ, ଶିକ୍ଷକ ସୂର୍ଯ୍ୟକାନ୍ତ ମିଶ୍ର, ସେକ୍ ନାସିରୁଦ୍ଦିନ, ପବିତ୍ର ମୋହନ ସାହୁ ଓ ବାସନ୍ତୀ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଗୁଣଗାନ କରିଥିଲେ। ତାଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ କୁଣ୍ଢେଇବଜାର ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଦାହ କରାଯାଇଥିଲା। ପୁତ୍ର ସଞ୍ଜୟ ମୁଖାଗ୍ନି ଦେଇଥିଲେ ।

# ୧୫ କୃତୀ ପ୍ରତିଭା ସମ୍ମାନିତ



ଅତିଥିମାନଙ୍କ ଗହଣରେ କୃତୀ ପୁରସ୍କୃତ ଛାତ୍ରୀଛାତ୍ର ବୃନ୍ଦ।

ନିମାପଡ଼ା,୨୩।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

**ଲିଟିଲ୍ ଷ୍ଟାର୍ ଗ୍ରୁପ୍ ପକ୍ଷରୁ ଶିଶୁ ଓ ଯୁବ ମହୋତ୍ସବ**

ନିମାପଡ଼ାର ଅଗ୍ରଣୀ ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଶିଶୁ ଓ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଣ୍ଡିଆସାହି ଦକ୍ଷିଣେଶ୍ୱରୀ ଉଚ୍ଚବିଦ୍ୟାଳୟଠାରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପୋଲିସ ପ୍ରଶାସକ ବଟକୃଷ୍ଣ ତ୍ରିପାଠୀ, ବାନର ସେନାର ସମ୍ପାଦକ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ଇଟିକିଲି ମିଟିକିଲିର ସମ୍ପାଦକ ଶରତ କୁମାର ନାୟକ, ଶିଶୁ ସାହିତ୍ୟିକା କମଳିନୀ ମଲ୍ଲିକ, ଶିକ୍ଷାବିତ୍ ଡ. ରବୀନ୍ଦ୍ରନାଥ ପାଢ଼ି, ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ବିବେକାନନ୍ଦ ପାତ୍ର, ମଠାଧୀଶ ବାବା ବୈକୁଣ୍ଠନାଥ ଦାସ, ଲିଟିଲ୍ ଷ୍ଟାର୍ ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣା ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ବୌଦ୍ଧିକ ଜ୍ଞାନର ବିକାଶ ଓ ଅଭିବୃଦ୍ଧି, ସାହିତ୍ୟ ହିଁ ସମାଜରେ ଭଲ ମଣିଷ ହେବାରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଶିଶୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା କୁଇଜ୍, ତର୍କ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ସୂର୍ଯ୍ୟକାନ୍ତ ବେହେରା, ଜ୍ୟୋତ୍ସ୍ନାମଣି ସାହୁ, ମେଘନା ଭୋଳ, ଜ୍ଞାନରଞ୍ଜନ ବେହୁରାଙ୍କ ସମେତ ମୋଟ ୧୫ ଜଣ କୃତୀ ପ୍ରତିଭାଙ୍କୁ ଅତିଥିମାନେ ମାନପତ୍ର ଟ୍ରଫି ପ୍ରଦାନ କରି ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଜୟ ମିଶ୍ର ଓ ଅମିୟ ମିଶ୍ର ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ। ସମାରୋହରେ ବହୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

## ନୀତା ଫୁଟବଲ ଏକାଡେମୀ ଚାମ୍ପିୟନ

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ମୁଖ୍ୟମନ୍ତ୍ରୀ ଟ୍ରଫି ଅନ୍ତର୍ଗତ ୧୫ବର୍ଷରୁ କମ୍ ବାଳକ ଆନ୍ତଃକ୍ଲବ ଫୁଟବଲ ଚାମ୍ପିୟନଶିପ୍ ଗୁରୁବାର ତାଳବଣିଆ ଇଣ୍ଡୋର ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ଜିଲା କ୍ରୀଡ଼ା ସଂସଦ ଓ ପୁରୀ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟ୍‌ବଲ ଚାମ୍ପିୟନଶିପ୍-୨୦୨୫ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଶ୍ରୀନୀଳଚକ୍ର ସ୍ପୋର୍ଟ୍ସ କ୍ଲବ, ନୀତା ଫୁଟବଲ ଏକାଡେମୀ, ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ, ପୁରୀ ଜିଲା ସ୍କୁଲ ସ୍ପୋର୍ଟ୍ସ ଜୋନ, ନିମାପଡ଼ା ଆଥଲେଟିକ ଆସୋସିଏଶନ, କଳିଙ୍ଗ ସ୍ପୋର୍ଟିଂ, ନିମାପଡ଼ା ସ୍ପୋର୍ଟ୍ସ ଏକାଡେମୀ ଭାଗନେଇଥିଲେ। ଫାଇନାଲ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୫-୦ ଗୋଲ୍‌ରେ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବକୁ ହରାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ା ସଂସଦର ପୂର୍ବତନ ଉପସଭାପତି ରାମଚନ୍ଦ୍ର ଦାସ ମହାପାତ୍ର, ଓଡ଼ିଶା ଅଲିମ୍ପିକ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଶ୍ରୀନୀଳଚକ୍ର ସ୍ପୋର୍ଟ୍ସ କ୍ଲବ ସଭାପତି ଜଗନ୍ନାଥ ରେଡ୍ଡୀ, ସମ୍ପାଦକ ସନ୍ତୋଷ ଛୁଆଲସିଂ, ପୁରୀ ବକ୍ସିଂ ଏକାଡେମୀ ସମ୍ପାଦକ ସୁଦର୍ଶନ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଅସହାୟଙ୍କୁ ଶୀତବସ୍ତ୍ର ବାଣ୍ଟିଲା କିନ୍ନର ସଂଘ

କୋଣାର୍କ,୨୩।୧(ଜ୍ୟୋତିରାଜ ମହାନ୍ତି)

କଥାରେ ଅଛି, ସାହାଯ୍ୟ ମାଗୁଥିବା ବ୍ୟକ୍ତି ଯଦି ଅନ୍ୟ ଦୁଃଖରେ ଦୁଃଖୀହୋଇ ସହାୟତାର ହାତ ବଢ଼ାଏ, ତେବେ ସେ ସମାଜକୁ ଦିଗ୍‌ଦର୍ଶନ ଦେବା ସହ ଜନମାନସରେ ପ୍ରେରଣା ପାଲଟିଥାଏ। ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ କୋଣାର୍କ କିନ୍ନର ସଂଘ ପକ୍ଷରୁ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ ଓ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। କୋଣାର୍କ ଏନଏସି ଅଧିନ ୧୩ଟି ୱାର୍ଡ ସମେତ କୁରୁଜଙ୍ଗ ପଞ୍ଚାୟତର ପ୍ରାୟ ୩୦୦ ଜଣ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଓ ଅସହାୟଙ୍କୁ କୋଣାର୍କ କିନ୍ନର ସଂଘର ସଭାପତି ଦୀପ୍ସା କିନ୍ନରଙ୍କ ତତ୍ତ୍ୱାବଧାନରେ ମେଡିକାଲ ଛକ ନିକଟ ରାଜାରାମ ମଠ ପ୍ରାଙ୍ଗଣରେ କମଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ କିନ୍ନର ସଂଘର ସୁକାନ୍ତି, କାଜଲ, ଶିବାନୀ, ତୁଳସୀ, ଚିନୁ, ସନ୍ଧ୍ୟା, ଶାନ୍ତି, ଲକ୍ଷ୍ମୀ, ଗଙ୍ଗା ପ୍ରମୁଖଙ୍କ ସମେତ ସମାଜସେବୀ ସବିତା ପ୍ରଧାନ ଏବଂ ରାନୁ ରାଓ ପରିଚାଳନା କରିଥିଲେ। ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।



କୋଣାର୍କ କିନ୍ନର ସଂଘ ପକ୍ଷରୁ ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ ଓ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଉଛି।

## ଖଣି ଅଧିକାରୀ ଓ କଣାସ ପୋଲିସର ଚଢ଼ାଉ: ୧୯ ଟ୍ରକ୍ ଜବତ

କଣାସ,୨୩।୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନାଧିକାରୀ ପ୍ରଦୀପ କୁମାର ଜୁଝାରସିଂ ଓ ସମସ୍ତ ପୋଲିସ କର୍ମଚାରୀଙ୍କ ସହିତ ଖଣି ବିଭାଗ ପୁରୀ ଜିଲାର ସମିରୀ ମିଶ୍ର ମିଳିତ ଭାବେ ଚଢ଼ାଉ କରିଛନ୍ତି। ଗୁରୁବାର ଭୋର ୪ଟା ସମୟରେ ନୂଆଜଗନ୍ନାଥ ସଡ଼କର ବିଜିପୁର ଛକଠାରେ ଜଗି ରହିଥିବା ବେଳେ ଖୋର୍ଦ୍ଧାରୁ ପୁରୀ ଯାଉଥିବା ୧୯ଟି ପଥର ବୋଝେଇ ଟ୍ରକ୍ ଜବତ କରିବା ସହିତ କଣାସ ଥାନାରେ ଜିମା ଦେଇଛନ୍ତି। ସମସ୍ତ ଗାଡ଼ିର କାଗଜପତ୍ର ତନଖି ଏବଂ ସେମାନଙ୍କଠାରୁ ଜରିମାନା ଆଦାୟ ପରେ ଗାଡ଼ିକୁ ଛଡ଼ାଯିବ ବୋଲି କଣାସ ଥାନାଧିକାରୀ ଜୁଝାରସିଂ ସୂଚନା ଦେଇଛନ୍ତି।

# ନେତାଜୀ ଥିଲେ ବିଶ୍ୱର ଅଦ୍ୱିତୀୟ ପ୍ରତିଭା

ପିପିଲି,୨୩।୧(ପ୍ରଭାତ କୁମାର ମହାପାତ୍ର)

**ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉପଲକ୍ଷେ ପରାକ୍ରମ ଦିବସ ପାଳନ ହୋଇଯାଇଛି। ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ପକ୍ଷରୁ ଗୁରୁବାର ପିପିଲି ସେଣ୍ଟ ଜାଭିଅର ସ୍କୁଲଠାରେ ଏହି ପରାକ୍ରମ ଦିବସରେ ଜାଗୃତି ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା କରାଯାଇଛି। ଏହି ହାଇସ୍କୁଲସ୍ତରୀୟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ୧୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସଙ୍ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାରେ ପିପିଲି ବ୍ଲକ ଅନ୍ତର୍ଗତ ୧୫ଟି ହାଇସ୍କୁଲର ଛାତ୍ରୀଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥଲେ। ସେମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମାର୍ଚ୍ଚ ୩୦, ୩୧ ଓ ଏପ୍ରିଲ ୧ରେ ହେବାକୁ ଥିବା ଜାଗୃତି ମହୋତ୍ସବରେ ପୁରସ୍କୃତ କରାଯିବ। ଜାଗୃତି ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରାମଚନ୍ଦ୍ର ଦାଶ, ସାହିତ୍ୟିକ ଅର୍ଜୁନ ଘଡ଼େଇ, ଡ. ସଚ୍ଚିକାନ୍ତ ନାୟକ, ଇଂ. ରମେଶ ଚନ୍ଦ୍ର ଶତପଥୀ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ ଅଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ, ଅଧ୍ୟାପକ ଲୋକନାଥ ସେଠୀ, ଶିକ୍ଷାବିତ୍ ରମାକାନ୍ତ ନାୟକ, ନାଟ୍ୟକାର ସୁରେନ୍ଦ୍ର ପୁଷ୍ପାଳକ, ସଙ୍ଗଠିକା କଳ୍ପନା ଦାଶ, ଶିକ୍ଷୟିତ୍ରୀ ସଞ୍ଜୁକ୍ତା ମହାପାତ୍ର, ଗଙ୍ଗାଧର ସାର, ଗାୟିକା ଜୟଶ୍ରୀ ମହାପାତ୍ର, ଶିକ୍ଷକ ଅଜୟ ଆଚାର୍ଯ୍ୟ, ସସ୍ମିତା ରାଉତରାୟ, ଲିଜା ପ୍ରଧାନ, ପୂଜା ସ୍ୱାଇଁ ଓ ମନୋରମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜେନାମଣି ଆଶିଷ ଓ ମୁନୁ ଅଗ୍ରୱାଲ୍ କୁଇଜ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷାବିତ୍ ଅଜୟ ମିଶ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

# ନେତାଜୀ ସୁଭାଷ, ବୀର ସୁରେନ୍ଦ୍ର ସାଏଙ୍କ ଦେଶପ୍ରେମ ଧ୍ୟେୟ ହେଉ

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁବାର ନେତାଜୀ ଜୟନ୍ତୀ ତଥା ପରାକ୍ରମ ଦିବସ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମାଖନଲାଲ ହାଲଦାର ସ୍ମୃତି ସମିତି ପକ୍ଷରୁ ୟୁଥ ହଷ୍ଟେଲ ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ଧ୍ରୁବଚରଣ କର ଏବଂ ବିମଳ ପ୍ରସାଦ ମହାରି ଯୋଗଦେଇଥିଲେ। ଅପରାହ୍ନରେ ଜାତୀୟ ଆଲୋଚନା ଚକ୍ର ଓ ଦେଶାତ୍ମବୋଧକ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଶିବସୁନ୍ଦର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ସୂଚନା ଦେଇଥିଲେ। ଶିକ୍ଷାବିତ୍ ଡ. ସୌଭାଗ୍ୟ କୁମାର ସାହୁ , ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ସାରଙ୍ଗଧର ରାୟଗୁରୁ, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ଦାଶ, ସଂଗଠକ ଚକ୍ରଧର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ନେତାଜୀଙ୍କ ଦେଶପ୍ରେମ ଓ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ମାୟାଧର ମହାରଣା, ପୁଷ୍କର ମହାପାତ୍ର, ଅଧ୍ୟାପକ ଅଶୋକ ମିଶ୍ର, ସୁରେଶ ପଟ୍ଟନାୟକ, କଳ୍ପନା ମିଶ୍ର, ମହେନ୍ଦ୍ର ଦାଶ, ଯୋଗେନ୍ଦ୍ରନାଥ ସାହୁ, ସହଦେବ ସାହୁ, ଯୋଗେଶ ମହାପାତ୍ର, କାଶୀନାଥ ଖୁଣ୍ଟିଆ, ବିମଳକୃଷ୍ଣ ମହାନ୍ତି, ଶ୍ୟାମ ପ୍ରକାଶ ସେନାପତି ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସମିତି ପକ୍ଷରୁ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ଉର୍ଜାବାନ ଓଡ଼ିଶା ପରିବାର ପକ୍ଷରୁ ସୁଭାଷ ବୋଷ ଛକ ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭାପତି ସନ୍ତୋଷ ସେନାପତି, ସମ୍ପାଦିକା ନିହାରିକା ତ୍ରିପାଠୀ, ସନ୍ତୋଷୀ ଭୋଇ, କଳ୍ପନା ଦାସ, ଜଗନ୍ନାଥ ପଣ୍ଡା, ନିରଞ୍ଜନ ଜେନା, ରଶ୍ମିରଞ୍ଜନ ନାୟକ, ଅଶ୍ୱିନୀ ସ୍ୱାଇଁ, ଆୟୁଷ୍ମାନ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ପିଲାଙ୍କ ମଧ୍ୟରେ ମହାପୁରୁଷ ବେଶ ଏବଂ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଡ. ହେମନ୍ତ ଛୋଟରାୟ, ଶିକ୍ଷାବିତ ଅଜୟ କୁମାର ପଣ୍ଡା, ମହେନ୍ଦ୍ର କୁମାର ଦାଶ, ବିକାଶ ଦତ୍ତ, ଲକ୍ଷ୍ମୀପ୍ରିୟା ବରାଳ ପ୍ରମୁଖ ବିଚାରକ ଅତିଥି ରୂପେ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ରମେଶ ଚନ୍ଦ୍ର ଦାଶ, ସହ ସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଈ ଉପସ୍ଥିତ ଥିଲେ। ପ୍ରଜ୍ଞା ସାହୁ, ଦୀପାଞ୍ଜଳି ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସେହିପରି ନେତାଜୀ ଜୟନ୍ତୀ କମିଟି ପକ୍ଷରୁ ନାୟକ ପ୍ଲାଜା ପରିସରରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। କମିଟି ସଭାପତି ଗିରିଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ପ୍ରଫୁଲ୍ଲ ମହାପାତ୍ର, ଆଇନଜୀବୀ ପୁଷ୍କର ମହାପାତ୍ର, ବରିଷ୍ଠ ନେତା ଜଗନ୍ନାଥ ଦେଓ, ବୀରେନ୍ଦ୍ର ଭୂଷଣ ହୋତା, ଦୁର୍ଗାପ୍ରସନ୍ନ ଶ୍ରୀଚନ୍ଦନ, ପ୍ରସନ୍ନ କୁମାର ଶତପଥୀ, ଦେବବ୍ରତ ସାହୁ, ଶୁଶିଲ କୁମାର ମିଶ୍ର, ନନ୍ଦ କିଶୋର ମହାପାତ୍ର ପ୍ରମୁଖ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କମିଟି ସମ୍ପାଦକ ବିମଳ ପାତ୍ର ଧନ୍ୟବାଦ ଦେଇଥିଲେ। ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ସହ ପୂର୍ବଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ହୋପ ଇଜ ଲାଇଫ୍ ସଭାପତି ସୁରେଶ ଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ସ୍ୱାଗତ ଭାଷଣ ଏବଂ ସଭାପତି ଡ. ଅଭିମନ୍ୟୁ ଭୂୟାଁ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ଦାସ, ସଦସ୍ୟା ସନ୍ତୋଷିନୀ ନାୟକ, ଯୁଗ୍ମ ସମ୍ପାଦକ ବିକାଶ କୁମାର ଦତ୍ତ ଉପସ୍ଥିତ ଥିଲେ। ସମ୍ପାଦକ ଅରବିନ୍ଦ ଶତପଥ ଧନ୍ୟବାଦ ଦେଇଥିଲେ। ସେହିପରି ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନେତାଜୀ ଜୟନ୍ତୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଛି। ଶିକ୍ଷା ବିକାଶ ସମିତିର ଜିଲା ସହପ୍ରମୁଖ ଦୀନବନ୍ଧୁ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର କୁମାର ନନ୍ଦ ଉପସ୍ଥିତ ଥିଲେ। ସେହିପରି ନବକଳେବର ରୋଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମିତ୍ର ସଂଘ ଓ ହାପିନେସ୍ ଫାଉଣ୍ଡେଶନ୍ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି।

# ଜାତୀୟ ଅଭିଲେଖାଗାର ପୂର୍ବାଞ୍ଚଳ ଶାଖାର ଆଲୋଚନାଚକ୍ର

ଭୁବନେଶ୍ୱର,୨୩ା୧ (ସୌମ୍ୟରଞ୍ଜନ ରାଉତ) – ଭାରତୀୟ ଜାତୀୟ ଅଭିଲେଖାଗାର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ଦଶମ ମାସିକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ସହଯୋଗୀ ପ୍ରଫେସର ପ୍ରିୟଦର୍ଶୀ କର ଯୋଗଦେଇ 'ଇତିହାସ, ସ୍ମୃତି ଓ ଅଭିଲେଖାଗାର: ନେତାଜୀ ସୁଭାସ ବୋଷଙ୍କ ଜୀବନ ଓ ଇତିହାସର ପୁନଃ ରୋମନ୍ଥନ' ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ଇତିହାସ ସଦାବେଳେ ଆମ ନିକଟରେ ପ୍ରମାଣ ହୋଇ ରହିଥାଏ ଓ ତାହାର ସୁବିନିଯୋଗ ଏକାନ୍ତ ଆବଶ୍ୟକ। ଏହା ସତ୍ୟର ଗବେଷଣା ପାଇଁ ଅପରିହାର୍ଯ୍ୟ। ଉତ୍ସବରେ ଜାତୀୟ ଅଭିଲେଖାଗାର ନୂଆଦିଲ୍ଲୀର ଉପନିର୍ଦ୍ଦେଶକ ଶୟଦ ଫରିଦ ଅହମ୍ମଦ ଓ ସହାୟକ ନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ରାମଚନ୍ଦ୍ର କରଣ ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୋଟିଏ ଦିନରେ ଦୁଇ ମହାନାୟକ ଜନ୍ମ ନେବା ବିରଳ ସଂଯୋଗ


ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଅନ୍ୟ ଅତିଥିମାନେ।

## ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଓ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୨୩ା୧ (ସୌମ୍ୟରଞ୍ଜନ ରାଉତ)

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଓ ମହାନ୍ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଗୁରୁବାର ସୂଚନାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇ ମହାପୁରୁଷଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ, ଗୋଟିଏ ଦିନରେ ଦୁଇ ମହାନାୟକ ଜନ୍ମ ନେବା ଏକ ବିରଳ ସଂଯୋଗ ଥିଲା। ବ୍ରିଟିଶ ଶାସନ ବିରୋଧରେ ସଂଗଠିତ ମହାସଂଗ୍ରାମର କର୍ଣ୍ଣଧାର ଥିଲେ ବୀର ସୁରେନ୍ଦ୍ର ସାଏ। ତାଙ୍କର ସମଗ୍ର ପରିବାର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ତାଙ୍କ ପରାକ୍ରମ ଇତିହାସରେ ବିରଳ। ଇତିହାସକାରମାନେ ଯଦି ଏହାକୁ ଉଲ୍ଲେଖ କରିଥାନ୍ତେ, ତେବେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶା ସର୍ବାଗ୍ରେ ରହିଥାନ୍ତା। ସେହିପରି ବ୍ରିଟିଶ ଶାସନର ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୋଧରେ ନେତାଜୀ ନିଜ ବ୍ୟକ୍ତିଗତ ସୁଖଶାନ୍ତିକୁ ଜଳାଞ୍ଜଳି ଦେଇ ଜୀବନର ୨୩ ବର୍ଷର କର୍ମମୟ ଜୀବନକୁ ଦେଶମାତୃକାର ସେବାରେ ସମର୍ପଣ କରିଥିଲେ। ଦୁଇ ବୀର ସଂଗ୍ରାମୀଙ୍କ ଦେଶପ୍ରେମ ଓ ତ୍ୟାଗ ଚିରସ୍ମରଣୀୟ ହୋଇ ରହିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଶାସକ ତଥା ସାହିତ୍ୟିକ ନିରଞ୍ଜନ ସାହୁ ଯୋଗଦେଇ ଉଭୟ ଉଭୟଙ୍କ ଦେଶପ୍ରେମ ଓ ଅସୀମ ପରାକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ୟାମ ପ୍ରସାଦ ମୁଖାର୍ଜୀ ଫାଉଣ୍ଡେଶନର ସମ୍ପାଦକ ଡା. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମର ଏକ ତୁଳନାତ୍ମକ ବିବରଣୀ ଦେବା ସହ ସେମାନଙ୍କ ଦେଶପ୍ରେମ, ଅସୀମ ପରାକ୍ରମ, ବୀରତ୍ୱ, ଦୃଢ଼ ଇଚ୍ଛାଶକ୍ତି ଓ ଉଚ୍ଚ ଆଦର୍ଶ ଅନନ୍ୟ ଏବଂ ଅତୁଳନୀୟ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସୂଚନାଭବନ ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ଓ ଲୋକସମ୍ପର୍କ ବିଭାଗର ବହୁ ଅଧିକାରୀଙ୍କ ସମେତ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଯୋଗଦେଇଥିଲେ। ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

# ନେତା ଅନେକ, ନେତାଜୀ ଜଣେ



## ଉତ୍କଳ ସମ୍ମିଳନୀ ପକ୍ଷରୁ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୩ା୧ (ସୌମ୍ୟରଞ୍ଜନ ରାଉତ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ସଭାପତିତ୍ୱ କରି କହିଲେ, ନେତା ଅନେକ ଅଛନ୍ତି, ମାତ୍ର ନେତାଜୀ କହିଲେ ଜଣଙ୍କୁ ବୁଝାଏ। ନେତାଜୀଙ୍କ ତିରୋଧାନ ଦିବସ ଖୋଜିବା ପାଇଁ ସମ୍ମିଳନୀ ପକ୍ଷରୁ ଦାବି ହେଉଥିବା ନେଇ ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ଉପଦେଷ୍ଟା ନିମାଇଁ ଦାସ, ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ଜେଠୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ମହେଶ୍ୱର ବିଶ୍ୱାଳ, ଜଟେଶ୍ୱର ଦାଶ, ରାମଚନ୍ଦ୍ର ସାମଲ ଓ ପ୍ରତାପ ମହାପାତ୍ର ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ମଣିପୁରରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୩ା୧ (ସୁଚିସ୍ମିତା ସାହୁ)

ଭାରତ ମହାନ୍ ଦେଶପ୍ରେମୀ, ତେଜସ୍ୱୀ ଜନନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ୧୨୮ତମ ଜୟନ୍ତୀ ପାଳନ କରୁଛି। ଏହି ଅବସରରେ ମଣିପୁରର ମୋଇରଙ୍ଗଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ଓଡ଼ିଆ ପୁଅ ସତ୍ୟ ସୂତାର। ଏହି ଅବସରରେ ସେ ମଣିପୁରବାସୀଙ୍କୁ ନେତାଜୀଙ୍କ ବୀରତ୍ୱର ଗାଥା ସ୍ମରଣ କରାଇଛନ୍ତି। ନେତାଜୀ ମଣିପୁର ଇମ୍ଫାଲସ୍ଥିତ ମୋଇରାଙ୍ଗ ମାଟିରୁ ବ୍ରିଟିଶ ସରକାରଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇଥିଲେ। ମଣିପୁର ସ୍ୱାଧୀନତାରେ ନେତାଜୀଙ୍କ ଅବଦାନ ଅତୁଳନୀୟ ଥିଲା। ମଣିପୁରର ଇତିହାସ ଓ ବିବିଧତାର ସୌନ୍ଦର୍ଯ୍ୟକୁ ସତ୍ୟ ସ୍ମରଣ କରିବା ସହ ହିଂସା, ଘୃଣା, ବିଭାଜନକୁ ଦୂରେଇଦେବା ପାଇଁ ଆହ୍ୱାନ କରିଛନ୍ତି।


ଏବିଭିପି ପକ୍ଷରୁ ରାମ ମନ୍ଦିର ନିକଟରୁ ଲୋୟର ପିଏମ୍‌ଜି ଅଭିମୁଖେ ବାହାରିଥିବା ଯୁବ ଉଦ୍‌ଘୋଷ ତ୍ରିରଙ୍ଗା ଶୋଭାଯାତ୍ରା। (ଫଟୋ –ମନୋରଞ୍ଜନ ମିଶ୍ର)

# ଦି ସିଲ୍‌ଭର୍ସ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସୁରେନ୍ଦ୍ର ସାଏ, ନେତାଜୀ ଜୟନ୍ତୀ

ଭୁବନେଶ୍ୱର, ୨୩ା୧ (ବନ୍ଦନା ସେଠୀ)

ଦି ସିଲ୍‌ଭର୍ସ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଗୁରୁବାର ଭିଏସ୍‌ଏସ୍ ନଗରଠାରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଇଂ. ଆଦିତ୍ୟ ପ୍ରକାଶ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ସଂଘ ସମ୍ପାଦକ କୈଳାସ ଚନ୍ଦ୍ର ମିଶ୍ର, ଉପଦେଷ୍ଟା ଡ. ନାରାୟଣ ଚନ୍ଦ୍ର ପତି, ହୃଦୟରାମ ବ୍ରହ୍ମା, ଅରବିନ୍ଦ ମହାରଣା, ସଭ୍ୟ ବିପ୍ରଚରଣ ନାୟକ, ସୁଧାକର ମିଶ୍ର, ସନାତନ ନାୟକ ପ୍ରମୁଖ ଯୋଗଦେଇ ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଦେଶଭକ୍ତି ଏବଂ ସଂଗ୍ରାମ ବିଷୟରେ କହିଥିଲେ। ଦେଶକୁ ବ୍ରିଟିଶ୍ କବଳରୁ ମୁକ୍ତ କରିବା ପାଇଁ ଦୁଇ ସଂଗ୍ରାମୀଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ସେମାନେ ମତ ରଖିଥିଲେ। ଯୁଗ୍ମ ସମ୍ପାଦକ ଅରବିନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ନେତାଜୀ ଯୁବକ ସଂଘର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୩ା୧ (ବନ୍ଦନା ସେଠୀ)

ନେତାଜୀ ଯୁବକ ସଂଘର ୫୭ତମ ବାର୍ଷିକ ଉତ୍ସବ ଓ ୧୨୮ତମ ନେତାଜୀ ଜୟନ୍ତୀ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପତାକା ଉତ୍ତୋଳନ ପରେ ଅତିଥିମାନେ ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ଦେଶର ମୁକ୍ତି ସଂଗ୍ରାମରେ ସେ ଅଦମ୍ୟ ଓ ଅତୁଳନୀୟ ପରାକ୍ରମ ପ୍ରଦର୍ଶନ କରିଥିଲେ। ତାଙ୍କ ସାହସ ଓ ସାଲିସ୍‌ବିହୀନ ନେତୃତ୍ୱ ସବୁ ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରେ। ଆମେ ସମସ୍ତେ ନେତାଜୀଙ୍କ ଆଦର୍ଶରେ ପ୍ରେରିତ ହୋଇ ଦେଶମାତୃକା ପାଇଁ ଉତ୍ସର୍ଗୀକୃତ ଭାବେ କାମ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଉତ୍ସବରେ ସମାଜସେବୀ କ୍ଲବର ପୂର୍ବତନ ସଭାପତି ପ୍ରତାପ ଜେନା, ନେତାଜୀ ଯୁବକ ସଂଘ ସଭାପତି ତଥା ୱାର୍ଡ ନଂ. ୫୭ର କର୍ପୋରେଟର ସନ୍ତୋଷ କୁମାର ସିଂହ, କର୍ପୋରେଟର ଅଜିତ୍ କୁମାର ବେହେରା, କ୍ଲବର ସମ୍ପାଦକ ବୃନ୍ଦାବନ ଦାସ, କୋଷାଧ୍ୟକ୍ଷ ଦୀପକ ବେହେରା, ପ୍ରକାଶ କୁମାର ସିଂହ, ନିବାସ କୁମାର ସିଂହ, ପରମେଶ୍ୱର ଧଳ, ବଡ଼ଗଡ଼ ଓ ବ୍ରିଟ୍ କଲୋନୀର ବିଭିନ୍ନ ସଂଗଠନର ସଭାପତି, ସମ୍ପାଦକ, ଏସ୍‌ଏଚ୍‌ଜି ମହିଳା ପ୍ରମୁଖ ଯୋଗଦେଇଥିଲେ।

# ରାଜଧାନୀରେ ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେଉ

ଭୁବନେଶ୍ୱର,୨୩ା୧ (ସୁଚିସ୍ମିତା ସାହୁ)


ମେୟର ସୁଲୋଚନା ଦାସ ଓ ଅନ୍ୟମାନେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

ଭାରତବର୍ଷର ସର୍ବକାଳୀନ ବୀରତ୍ୱ, ଦେଶପ୍ରେମ, ସଂଗ୍ରାମୀ ସହିତ ଅବିସ୍ମରଣୀୟ ବ୍ୟକ୍ତିତ୍ୱର ଅଧିକାରୀ ହେଉଛନ୍ତି ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏ। ଏମାନଙ୍କ ମହାନ ବ୍ୟକ୍ତିତ୍ୱ, ଦେଶପ୍ରେମ, ନିଷ୍ଠା, ଆତ୍ମବଳିଦାନର ପଟାନ୍ତର ନାହିଁ । ବୀର ସୁରେନ୍ଦ୍ର ସାଏଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ରାଜଧାନୀରେ ପ୍ରତିଷ୍ଠା ହେଉ ବୋଲି ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ କହିଛନ୍ତି। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ବୀର ସୁରେନ୍ଦ୍ର ସାଏ ପରିଷଦ ଓ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଓ ବୀର ସୁରେନ୍ଦ୍ର ସାଏଙ୍କ ୨୧୭ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ରସୁଲଗଡ଼ ଛକସ୍ଥିତ ନେତାଜୀ ଓ ଭିଏସ୍‌ଏସ୍‌ନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭାଜପା ନେତା ଗୋଲକ ଚନ୍ଦ୍ର ମହାପାତ୍ର, ଦିଲୀପ ଦାସଶର୍ମା, ମନୋରଞ୍ଜନ ମହାନ୍ତି, ଅରବିନ୍ଦ ତ୍ରିପାଠୀ, ସଞ୍ଜୟ ପରିଡ଼ା, ଲକ୍ଷ୍ମୀଧର ବେହେରା, ବ୍ରଜବନ୍ଧୁ ପରିଡ଼ା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ଗଣ ସାଂସ୍କୃତିକ ମଞ୍ଚ

ଭୁବନେଶ୍ୱର,୨୩ା୧ (ସୌମ୍ୟରଞ୍ଜନ ରାଉତ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ୧୨୮ତମ ଜୟନ୍ତୀ ଉପଲକ୍ଷେ ଗୁରୁବାର ଗଣସାଂସ୍କୃତିକ ମଞ୍ଚ ଭୁବନେଶ୍ୱର ପକ୍ଷରୁ ରସୁଲଗଡ଼ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ମଞ୍ଚ ସମ୍ପାଦକ ରାଜେନ୍ଦ୍ର ବର୍ମା, କବି ତଥା ଗ୍ରନ୍ଥକାର ନିରାକାର ଦାସ, ମହିଳା ସାଂସ୍କୃତିକ ସଂଘର ବିଜୟଲକ୍ଷ୍ମୀ ପାତ୍ର, ଶ୍ରମିକନେତା ବିଗ୍ୟନ ବେହେରା ପ୍ରମୁଖ ଉପସ୍ଥିତ ରହି ନେତାଜୀଙ୍କ ପ୍ରତି ସମ୍ମାନ ଜଣାଇଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ ଜ୍ୟୋତିର୍ଦ୍ଦେବ ସିଂ, ପ୍ରଣବ ରଞ୍ଜନ ଚିନ୍ନାରା, ଦ୍ରୌପଦୀ ମହାନ୍ତି, ଦୀପ୍ତିମୟୀ ଚମ୍ପତି, ଯସ୍ମିନ୍ ସ୍ୱାତୀ ରାଜ, ଦିବ୍ୟଜ୍ୟୋତି କୌର୍ ପ୍ରମୁଖ ଚିତ୍ର ଆଙ୍କି ନେତାଜୀଙ୍କ ପ୍ରତି ଶ୍ରଦ୍ଧାସୁମନ ପ୍ରଦର୍ଶନ କରିଥିଲେ।

# ଚିତ୍ରକଳାରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୁଣା ଭୁବନେଶ୍ୱର,୨୩ା୧ (ସୁବାସ ଚନ୍ଦ୍ର ପ୍ରଧାନ): ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ଗୁରୁବାର ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତସ୍ୱିରୂପ ରଙ୍ଗ ଓ ତୂଳିରେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ନେତାଜୀଙ୍କ ବୀରତ୍ୱ, ତ୍ୟାଗ, ଅଦମ୍ୟ ସାହସ, ଅସୀମ ଦେଶପ୍ରେମର କଥାକୁ ଚିତ୍ରକଳାରେ ମନେପକାଇଛନ୍ତି। ଶାନ୍ତନୁ ଭୀମଟାଙ୍ଗୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୫ମ ଶ୍ରେଣୀରେ ପଢୁଛନ୍ତି। ତାଙ୍କର ଏଭଳି ଚିନ୍ତାଧାରକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



# ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କଲେ ମନ୍ତ୍ରୀ

ଭୁବନେଶ୍ୱର, ୨୩ା୧ (ବନ୍ଦନା ସେଠୀ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମନ୍ତ୍ରୀ ଡା. ମହାପାତ୍ର ଉଦ୍‌ଘାଟନ କରି ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରି ସମାଜ ତଥା ମାନବିକତା ପାଇଁ ସେବା ପ୍ରଦାନ କରିବା ନିମନ୍ତେ ଆହ୍ୱାନ ଜଣାଇଥିଲେ। ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବାସହ ଆଗାମୀ ଦିନରେ ଅଧିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାରର ଡା. ଦେବାଶିଷ ମିଶ୍ର ଓ ତାଙ୍କ ଟିମ୍ ପକ୍ଷରୁ ୧୦୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତ ଦାନ କରିଥିବା ବାବୁଲି ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ରାଜ୍ୟ ସମ୍ପାଦକ ସୁବ୍ରତ କୁମାର ବିଶ୍ୱାଳ, ପ୍ରଶାନ୍ତ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।


ରକ୍ତଦାନ ଶିବିର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟମାନେ।

# ରାଜଧାନୀରେ ତ୍ରିରଙ୍ଗା ପସରା

ଭୁବନେଶ୍ୱର,୨୩ା୧ (ସୌମ୍ୟରଞ୍ଜନ ରାଉତ)



ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ରାଜଧାନୀରେ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ରାଜ୍ୟସ୍ତରୀୟ ପରେଡ ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ସ୍କୁଲ, ଅନୁଷ୍ଠାନ ଓ ପ୍ରତିଷ୍ଠାନରେ ପତାକା ଉତ୍ତୋଳନ, ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଘରେ ବାହାରେ ସବୁଠି ତ୍ରିରଙ୍ଗା ଉଡ଼ିବ। ଏଥିପାଇଁ ରାଜଧାନୀ ରାସ୍ତାକଡ଼ଠାରୁ ଆରମ୍ଭ କରି ଦୋକାନ ବଜାରରେ ତ୍ରିରଙ୍ଗା ପତାକା ସହ ତିନି ରଙ୍ଗର ବେଲୁନ, ଶାଢ଼ି, ପୋଷାକ, ବ୍ୟାଜ୍, କ୍ଲିପ୍, ଚୁଡି, ଫୁଲ, ବ୍ରେସ୍‌ଲେଟ୍, ଷ୍ଟିକର ଆଦିର ପସରା ମେଲିଛି। ଏହିସବୁ ସାମଗ୍ରୀର ମୂଲ୍ୟ ୫ଟଙ୍କାରୁ ଆରମ୍ଭ କରି ୧ ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିବାବେଳେ ତ୍ରିରଙ୍ଗା ଶାଢ଼ି ଓ ସାଲୱାର୍ ୨ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଗାଡ଼ିରେ ଲଗାଇବାକୁ ଷ୍ଟାଣ୍ଡ୍ ଜାତୀୟ ପତାକାର ଭଲ ଚାହିଦା ରହୁଥିବାରୁ ବ୍ୟବସାୟୀମାନେ ଭଳିକି ଭଳି ଆକର୍ଷଣୀୟ ତ୍ରିରଙ୍ଗା ସଜେଇ ରଖିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶ ପୋଷାକ ଓ ଉପକରଣ ବଜାରରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ବ୍ୟବସାୟୀଙ୍କ କହିବା ଅନୁଯାୟୀ, ଜାନୁଆରୀ ୨୬ ଓ ଅଗଷ୍ଟ ୧୫ ଆସିଲେ ତ୍ରିରଙ୍ଗା ଡ୍ରେସ, ଶାଢ଼ି, କୁର୍ତ୍ତାର ଚାହିଦା ବଢ଼େ। ତ୍ରିରଙ୍ଗା ରଙ୍ଗର ସମସ୍ତ ସାଜସଜ୍ଜା ଉପକରଣ ବେଶ୍ ଲୋକାଦୃତ ହୋଇଥାଏ। କଳିଙ୍ଗ ବିହାର ରାସ୍ତାକଡରେ ବେପାର ଜମେଇଥିବା ସନାତନ ମଲ୍ଲିକ କହିଛନ୍ତି, ଲୋକେ ଆଜିକାଲି ଘର, ଗାଡ଼ି, ଅଫିସ ପର୍ଯ୍ୟନ୍ତ ସବୁଠି ତ୍ରିରଙ୍ଗାପରି ସଜେଇବାକୁ ପସନ୍ଦ କରିଥାନ୍ତି। ବର୍ତ୍ତମାନ ଏହିସବୁ ସାଜସଜ୍ଜା ଉପକରଣ ସହିତ ଜାତୀୟ ପତାକାର ଚାହିଦା ବହୁତ ଅଧିକ ରହିଛି। ଏସବୁ ସାମଗ୍ରୀ ବିଶେଷକରି କୋଲକାତା ଓ ଅନ୍ୟ ସ୍ଥାନରୁ ହୋଲ୍‌ସେଲରମାନେ ଆଣିବା ପରେ ସେମାନଙ୍କଠାରୁ ଆଣି ଆମପରି ରିଟେଲ ବେପାରୀମାନେ ବିକ୍ରି କରୁଛୁ ବୋଲି ସେ କହିଛନ୍ତି।




କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ବିଧାୟିକା ସୋଫିଆ ଫିର୍ଦୋସ ଗୁରୁବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।



ନେତାଜୀ ସଂଗ୍ରହାଳୟଠାରେ ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟୀ ମେୟର ଦମୟନ୍ତୀ ମାଝୀ ଓ କର୍ପୋରେଟମାନେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# 'ନେତାଜୀଙ୍କ ଦର୍ଶନ ବିଶ୍ୱକୁ ନୂତନ ବାର୍ତ୍ତା ଦେବ'

**କଟକ,୨୩।୧(କାର୍ତ୍ତିକ ସାହୁ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଗୁରୁବାର ଚଳଚଞ୍ଚଳ ହୋଇଥିଲା। ପୁଷ୍ପଭରା ଉଦ୍ୟାନ, ଜାନକୀନାଥ ଭବନ ଝଲସୁଛି ନୂତନ ରଙ୍ଗରେ। କୁନି ପିଲାମାନେ ନେତାଜୀଙ୍କ ବେଶରେ ସଜେଇ ହୋଇଥିଲେ। ଚାରିଆଡ଼ ନେତାଜୀମୟ ହୋଇଉଠିଥିଲା। ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାବେଳେ ସଭିଏଁ ଭାବବିହ୍ୱଳ ହୋଇପଡିଥିଲେ। ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ରାଜନେତା, ଶିଳ୍ପୀ, ଶିଳ୍ପପତି, ଶିକ୍ଷାବିତ୍, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ସାଧାରଣ ଜନତା ନେତାଜୀ ଜୟନ୍ତୀ ପାଳନର ଅନୁଭବକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲେ। ଗାଁରୁ ସହର ନେତାଜୀଙ୍କ ଜୟ ଜୟକାର, ଜୟହିନ୍ଦ୍ ଧ୍ୱନିରେ ଜୟନ୍ତୀ ଉତ୍ସବ ସରଗରମ ହୋଇଉଠିଛି।



ନେତାଜୀ ଜୟନ୍ତୀରେ ନେତାଜୀ ସଂଗ୍ରହାଳୟରେ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀକୁ ଛାତ୍ରୀଛାତ୍ର ଦେଖୁଛନ୍ତି।

ଓଡ଼ିଶା ନବନିର୍ମାଣ ସଙ୍ଗଠନ ଓ ଉତ୍କଳ ସନ୍ତାନ ପକ୍ଷରୁ ସିଡିଏଠାରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବିକାଶ ମଞ୍ଚର କେନ୍ଦ୍ରୀୟ ସଭାପତି ଡ. ଜ୍ଞାନଗୁରୁ ଦାସ ଅଧ୍ୟକ୍ଷତା କରି କହିଥିଲେ, ନେତାଜୀଙ୍କ ଦର୍ଶନ ବିଶ୍ୱକୁ ନୂତନ ବାର୍ତ୍ତା ଦେବ। ତପନ ମିଶ୍ର, ସାରଦା ପ୍ରସାଦ ଦାସ, ସଞ୍ଜୀବ କୁମାର ବିଶ୍ୱାଳ, ସ୍ମିତା ମୂଳିଆ ଓ ଲକ୍ଷ୍ମୀସ୍ୱରୂପା ଦାସ ପ୍ରମୁଖ ନେତାଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କଟକ ଜିଲା ପକ୍ଷରୁ ସିଟି କଲେଜସ୍ଥିତ ପଡ଼ିଆରେ ନେତାଜୀ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡା. ମନୋରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ସୁଦର୍ଶନ ଦାସ ଯୋଗଦେଇ ଇଂରେଜ ବିରୋଧୀ ବିଭିନ୍ନ ବିଦ୍ରୋହ ଓ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ।

ସରଳା ଦେବୀ–ଭାଗୀରଥି ମହାପାତ୍ର ଟ୍ରଷ୍ଟ ତରଫରୁ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ଆଇନଜୀବୀ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର, କବିତା ମହାପାତ୍ର, ପତିତପାବନ ମହାପାତ୍ର, ବିଶ୍ୱଜିତ୍ ପାଣି ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

କର୍ମବୀର ଗୌରୀଶଙ୍କର ରାୟ ସ୍ମୃତିସଂସଦ ଓ ଓଡ଼ିଶା ପ୍ରଦେଶ କାୟସ୍ଥ ସଭାର ମିଳିତ ଆନୁକୂଲ୍ୟରେ କଟକ କାଠଗଡା ସାହିଠାରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। କାୟସ୍ଥ ବୋର୍ଡିଂ ନେତାଜୀ ଜୟନ୍ତୀ ସଭାପତି ଉଦୟ ଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ଏଥିରେ ମୁଖ୍ୟବକ୍ତା ଅଧ୍ୟାପକ ଡ. ବାବାଜୀ ପଟ୍ଟନାୟକ, ଆଭାରାଣୀ ବୋଷ, ସୁରଜିତ ନାଥ, କଲ୍ୟାଣ ଦତ୍ତ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ରାଜନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ଜୀବନୀ ଉପରେ ଆଲୋକପାତ କରିଥିଲେ।




ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ବୁଲିବାକୁ ଆସିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ



କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ।

## ଦିବ୍ୟାଙ୍ଗ ମୃତ୍ୟୁ ଘଟଣା, ତଦନ୍ତ ପାଇଁ ଥାନାଧିକାରୀଙ୍କୁ ଦାବିପତ୍ର

**ମଙ୍ଗୁଳି–ଜଗତପୁର,୨୩।୧(ମାନସ ସାମଲ)**

କଟକ ଜିଲା ଟାଙ୍ଗୀ ବିଦ୍ୟାପୀଠ ପରିସରରେ ସୋମବାର ଟାଙ୍ଗୀ–ଚୌଦ୍ୱାର ବ୍ଲକ ପ୍ରଶାସନ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ହେଲେ ଏଠାରେ ଅବ୍ୟବସ୍ଥା ଯୋଗୁ ଜଣେ ଦିବ୍ୟାଙ୍ଗଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ଚାରିଘରିଆ ଗ୍ରାମର ଇନ୍ଦ୍ରମଣି ପୃଷ୍ଟି(୬୮)। ଏହାର ତଦନ୍ତ ପାଇଁ ଇନ୍ଦ୍ରମଣିଙ୍କ ସ୍ତ୍ରୀ ଉର୍ମିଳା ପୃଷ୍ଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟାଙ୍ଗୀ ବିଡିଓ ସୌମ୍ୟା ବିଶ୍ୱାଳଙ୍କୁ ବୁଧବାର ଲିଖିତ ଆକାରରେ ଜଣାଇଛନ୍ତି। ସେହିପରି ଗୁରୁବାର ରାଜ୍ୟ ମାନବାଧିକାର ପରିଷଦର କେତେଜଣ ସଦସ୍ୟ ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ ଇନ୍ଦ୍ରମଣି ତାଙ୍କ ପୁଅଙ୍କ ସହ ଉକ୍ତ ଶିବିରକୁ ଯାଇଥିଲେ। ଗଲାବେଳେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ। ଶିବିରରେ ପ୍ରବଳ ଭିଡ଼ ହୋଇଥିଲା। ଡାକ୍ତର ବିଳମ୍ବରେ ଆସିବାରୁ ଇନ୍ଦ୍ରମଣି ଅସୁସ୍ଥ ହୋଇ ସେଠାରେ ଟଳି ପଡ଼ିଥିଲେ। ତାଙ୍କୁ ଟାଙ୍ଗୀସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଦାବିପତ୍ରରେ ଦର୍ଶାଯାଇଛି।

## ସ୍ମୃତି ବଖାଣିଲେ ଆଇଏନ୍‌ଏ ଯବାନ ଆର୍. ଏସ୍. ମାଧବନ

**କଟକ,୨୩।୧(ଶିଳ୍ପା ପ୍ରିୟଦର୍ଶିନୀ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ କଟକ ସତ୍ୟବ୍ରତ ଷ୍ଟାଡିୟମରେ ପରାକ୍ରମ ଦିବସ ଗୁରୁବାର ପାଳିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ମାଝୀ ଆଇଏନ୍‌ଏ ଯବାନ ଲ୍ୟୁଟନାଣ୍ଟ ଆର୍. ମାଧବନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ମାଧବନ ଯୋଗଦେଇ ନିଜର ସ୍ମୃତି ବଖାଣିଛନ୍ତି। ନେତାଜୀଙ୍କ ଗୋଟିଏ ଆହ୍ୱାନରେ ବିନା ଦ୍ୱିଧାରେ ପ୍ରାଣବଳି ଦେବାକୁ ପଛାଉ ନ ଥିଲେ। ସେହିଭଳି ମହାନ ବ୍ୟକ୍ତିତ୍ୱଙ୍କ ସହ ସଂଗ୍ରାମୀ ଜୀବନ ବିତାଇଥିଲେ ମାଧବନ। ୧୯୪୩ ମସିହାରେ ତାଙ୍କୁ ୧୮ ବର୍ଷ ହୋଇଥିଲା। ସେତେବେଳେ ବିପ୍ଳବୀ ରାସବିହାରୀ ବୋଷଙ୍କ ସହ ତାଙ୍କର ଦେଖା ହୋଇଥିଲା। ୧୯୪୮ରେ ନେତାଜୀଙ୍କ ସହିତ ତାଙ୍କର ଭେଟ ହୋଇଥିଲା। ସେହି ମସିହାରେ ବର୍ମାର ତତ୍କାଳୀନ ପ୍ରଧାନମନ୍ତ୍ରୀ ନେତାଜୀଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରିଥାନ୍ତି। ଏହି ସଭାରେ ନେତାଜୀ ଅଗ୍ନିବର୍ଷୀ ଭାଷଣ ଦେଇଥିଲେ। ରାସ ବିହାରୀଙ୍କ ସହ ମାଧବନ ଉକ୍ତ ସଭାକୁ ଯାଇଥିଲେ। ନେତାଜୀ ବର୍ମାରେ ଆଜାଦ୍ ହିନ୍ଦ୍ ଫୌଜ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଆହ୍ୱାନ ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ମାଧବନ ଆଇଏନ୍‌ଏର ନିଯୁକ୍ତି ଅଧିକାରୀ ସହ ପାଣ୍ଠି ସଂଗ୍ରାହକ ଦାୟିତ୍ୱରେ ଥିଲେ। ବର୍ମାର ପ୍ରାୟ ୩୨ଟି ସ୍ଥାନରୁ ୧୫ କୋଟି ଟଙ୍କା ସଂଗ୍ରହ କରିପାରିଥିଲେ। ଲୋକମାନେ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥିବା ନେଇ ସେ କହିଛନ୍ତି। ଏହି ଅବସରରେ ଆଇଏନ୍‌ଏର ତାଙ୍କ ସହଯୋଗୀ ତଥା କୋରାପୁଟ ଜିଲା ଜୟପୁରର ଲକ୍ଷ୍ମୀ ପଣ୍ଡାଙ୍କ କଥା ମନେ ପକାଇଥିଲେ ମାଧବନ। ଓଡ଼ିଶାରୁ ଯେଉଁମାନେ ଆଇଏନ୍‌ଏରେ ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରୁ ଲକ୍ଷ୍ମୀଙ୍କ ଅଦମ୍ୟ ସାହସ ଥିଲା। ଝାନ୍ସୀରାଣୀଙ୍କ ପରି ଲଢ଼େଇ କରୁଥିଲେ, ହେଲେ ତାଙ୍କୁ ଯେଉଁଭଳି ସମ୍ମାନ ମିଳିବା କଥା ମିଳିଲା ନାହିଁ। ଭତ୍ତା କିମ୍ବା ସରକାରୀସ୍ତରରେ କୌଣସି ସୁବିଧା ସୁଯୋଗ ଦିଆଗଲା ନାହିଁ। ଶେଷରେ ଲକ୍ଷ୍ମୀ ଆଖି ବୁଜିବା କଥା କହି ମାଧବନ କାନ୍ଦି ପକାଇଥିଲେ।



## ସିଡୁଆ ନଦୀର ସୁରକ୍ଷା, ଅଣ୍ଡରପାସ୍ ନିର୍ମାଣ କରାଯାଉ

### ସଂଗ୍ରାମ ସମିତି ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶଭିତ୍ତିକ ଆଲୋଚନାଚକ୍ର

**ଫୁଲନଖରା,୨୩।୧**
**(ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ମହାନଗର ନିଗମ(ସିଏମ୍‌ସି)ର ୫୮ ନମ୍ବର ୱାର୍ଡ ଅନ୍ତର୍ଗତ ନୂଆଗଡ଼ସ୍ଥିତ ଅନନ୍ତ ବଳିଆ ଆଶ୍ରମରେ କଟକ ସଦର, ନିଆଳି ଓ ବାଙ୍କୀ ବ୍ଲକଭିତ୍ତିକ ସାମାଜିକ ସଙ୍ଗଠନ 'ସଂଗ୍ରାମ ସମିତି' ଆନୁକୂଲ୍ୟରେ ନେତାଜୀ ଜୟନ୍ତୀ ପାଳନ ସହିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୧୬ ନମ୍ବର ଜାତୀୟ ରାଜପଥର କଟକ ସଦର ଥାନା ନିକଟରେ ଅଣ୍ଡରପାସ୍ ନିର୍ମାଣ, ସିଡୁଆ ନଦୀର ସୁରକ୍ଷା, ସ୍ଥାନୀୟ ଅଞ୍ଚଳରେ ଅଚଳ ଅବସ୍ଥାରେ ଥିବା ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ପାଇଁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ, ମହୀଧରପଡ଼ା ଓ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ସମିତି ପକ୍ଷରୁ ଦୃଢ଼ ପ୍ରତିବାଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିସହ କଟକ ସଦର ଅଞ୍ଚଳରେ ସରକାରୀ ମହାବିଦ୍ୟାଳୟ ସ୍ଥାପନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଆଲୋଚନାଚକ୍ରରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉମାକାନ୍ତ ନନ୍ଦ, ନିମାଇଁ ଚରଣ ଲେଙ୍କା, ପୀତବାସ ମହାପାତ୍ର, ଡା. ଅରବିନ୍ଦ ନନ୍ଦ, ପ୍ରମୋଦ ମହାପାତ୍ର, ଅଧିବକ୍ତା କେଶବ ଚନ୍ଦ୍ର କର, ସୁରେନ୍ଦ୍ର ନାଥ ଛୋଟରାୟ, ଲଳିତ କୁମାର ଦାଶ, ସୋମନାଥ ଦାସ, ଗଣେଶ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଗଗନ ବିହାରୀ ଜେନା, ଦେବରଞ୍ଜନ ବୈଠାଲୁ, ଇଂ. ଅଶୋକ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଟକରେ ନେତାଜୀଙ୍କ ୧୦୦ ଫୁଟ୍ ପ୍ରତିମୂର୍ତ୍ତି ସ୍ଥାପନ ହେଉ

**କଟକ,୨୩।୧(ଶିଳ୍ପା ପ୍ରିୟଦର୍ଶିନୀ)**

ନେତାଜୀ ଜୟନ୍ତୀ ଅବସରରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ମଶାଲ ଶୋଭାଯାତ୍ରା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ବକ୍ସିବଜାରସ୍ଥିତ ଦମକଳ କେନ୍ଦ୍ର ନିକଟରୁ ବାହାରି ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟଠାରେ ପହଞ୍ଚିଥିଲା। ବିଜୁ ଯୁବ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ବିଧାୟକ ସୁନୀଲ ମହାନ୍ତି, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ଚନ୍ଦ୍ରସାରଥି ବେହେରା, ଅଂଶୁମାନ ମହାନ୍ତି, ବିଷ୍ଣୁପଦ ରାଉତରାୟ, ରୁଦ୍ର ମହାରଥୀ ସାମିଲ ହେବା ସହ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଦେବୀରଞ୍ଜନ କହିଛନ୍ତି, ସ୍ୱାଧୀନ ଭାରତରେ ବଞ୍ଚିବା ପାଇଁ ନେତାଜୀ ଆମକୁ ଅଧିକାର ଦେଇଛନ୍ତି। ନେତାଜୀଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ। ନେତାଜୀ ସଂଗ୍ରହାଳୟକୁ ଜାତୀୟ ସଂଗ୍ରହାଳୟର ମାନ୍ୟତା ପ୍ରଦାନ ସହ ୧୦୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ପ୍ରତିମୂର୍ତ୍ତି କଟକରେ ସ୍ଥାପନ କରିବା ପାଇଁ ଦାବି ହେଉଥିବା ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜ୍ଞାନେନ୍ଦ୍ର ଗିରି ଗୋସ୍ୱାମୀ, ଡ. ରଞ୍ଜନ ବିଶ୍ୱାଳ, ପ୍ରଫୁଲ୍ଲ ସିଂ, ଆଶିଷ ସାହୁ, ସନ୍ତୋଷ ମହାରଣା, ଆସିଫ୍ ଅମିନ୍, ସୌମ୍ୟଜିତ୍ ଘୋଷ, ସଞ୍ଜୟ ପଟ୍ଟନାୟକ, ଜଗତ୍‌ଜ୍ୟୋତି ପଟ୍ଟନାୟକ, ଦେବାଶିଷ ସ୍ୱାଇଁ ଉପସ୍ଥିତ ଥିଲେ।



ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବାହାରିଥିବା ମଶାଲ ଶୋଭାଯାତ୍ରା।

## ଫଟୋରେ ଖବର



କଟକ ସତ୍ୟବ୍ରତ ଷ୍ଟାଡିୟମରେ ଗୁରୁବାର ପରାକ୍ରମ ଦିବସ ପାଳନ ଅବସରରେ ପରିବେଷିତ ବାଘ ନୃତ୍ୟ।



ନେତାଜୀ ଜୟନ୍ତୀ ଅବସରରେ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ବାଖ୍ୟାନ କେନ୍ଦ୍ର ପରିସରରେ ଗୁରୁବାର ଅନୁଷ୍ଠିତ ଲେଜର ସୋ।

## ସଂକ୍ଷେପରେ

### ଦେଶୀମଦ ଜବତ, ଅଭିଯୁକ୍ତ ଗିରଫ

**ବେଗୁନିଆ, ୨୩।୧ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଥାନା ପୋଲିସ ବୁଧବାର ରାତିରେ ଚଢ଼ାଉ କରି ୧୮ ଲିଟର ଦେଶୀମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋଡା ଗ୍ରାମର ଶ୍ରୀନିବାସ ଚମ୍ପତି। ଗଡମାଣିତୀର ବିଟ୍ ହାଉସ ଅଧିକାରୀ ସରୋଜ କୁମାର ସେନାପତି ଘଟଣାର ତଦନ୍ତ କରୁଛନ୍ତି।

### ଟାଙ୍ଗୀ ଉପଖଣ୍ଡ ବିଜୁଳି ଉପଭୋକ୍ତା ମଞ୍ଚ ଗଠିତ

**ଟାଙ୍ଗୀ, ୨୩।୧ (ରଘୁନାଥ ସାହୁ)**

ଟାଙ୍ଗୀ ବଳରାମ ଦେବ ମନ୍ଦିର ପରିସରରେ ଆଇନଜୀବୀ ବିଶ୍ୱଜିତ ରାଉତରାୟଙ୍କ ଆବାହକତ୍ୱରେ ଟାଙ୍ଗୀ ଉପଖଣ୍ଡ ବିଜୁଳି ଉପଭୋକ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରଭାକର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଘନଶ୍ୟାମ ମହାନ୍ତି, ପ୍ରଶାନ୍ତ କୁମାର ଶ୍ରୀଚନ୍ଦନ, ପ୍ରଦୀପ କୁମାର ମହାପାତ୍ର, ବାସୁଦେବ ବିଶ୍ୱାଳ, ଗୋବିନ୍ଦ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ବାରିକ, ନରେନ୍ଦ୍ର ପ୍ରଧାନ, ଭାସ୍କର ବିଶ୍ୱାଳ, ବାମନ ମହାନ୍ତି, ନବଘନ ବାରିକ, ଜୟଦେବ ଷଣ୍ଢ, ଦିଲୀପ ରାଉତ, ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ।

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ନିରାକାରପୁର, ୨୩।୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଆତ୍ମରକ୍ଷାର କୌଶଳ ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବା ସହିତ ସମାଜରେ ନାରୀ ନିର୍ଯାତନାକୁ ପ୍ରତିହତ କରିବ ବୋଲି ନିରାକାରପୁର କଲେଜରେ ଅନୁଷ୍ଠିତ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅତିଥିଭାବେ କଲେଜ ଅଧକ୍ଷା ବ୍ରତତୀ ମିଶ୍ର, ଅଧ୍ୟାପକ ଡ. ପ୍ରଭାତ କୁମାର ଦାଶ, ଅଧ୍ୟାପକ ଚନ୍ଦନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଂଯୋଜକ ସୋନାଲି ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ସୌରଭ ମହାପାତ୍ର, ମୋନାଲିସା ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ। ସହ ସଂଯୋଜକ ଭବାନୀ ଛୋଟରାୟ ଧନ୍ୟବାଦ ଦେଇଥିଲେ।

### ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ

**ବାଘମାରୀ, ୨୩।୧ (ମିହିର ରଞ୍ଜନ ମହାପାତ୍ର)**

ଗଂପୁର କଷ୍ଣାମଲିମର ଆରାଧ୍ୟ ସୋମନାଥ ଦେବଙ୍କ ପୀଠରେ ଚାଲିଥିବା ୨୧ତମ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ ଏବଂ ପ୍ରବଚନ ଜ୍ଞାନଯଜ୍ଞର ଗୁରୁବାର ପୂର୍ଣ୍ଣାହୁତି ହୋଇଯାଇଛି। ପ୍ରବକ୍ତାମାନେ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କର୍ତ୍ତାଭାବେ ଗଗନ ବିହାରୀ ମହାପାତ୍ର, ହରିବନ୍ଧୁ ପଣ୍ଡା, ଶ୍ୟାମସୁନ୍ଦର ସାହୁ, ରାଜୁ ରଣା, ଗୁଡୁ ପ୍ରମୁଖ ସହଯୋଗ କରିଥିଲେ।

# ସାମାଜିକ କର୍ତ୍ତବ୍ୟବୋଧତା, ନିଷ୍ଠାର ସହ କାମ କରନ୍ତୁ ଆଇନଜୀବୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଚିଲିକା କୋର୍ଟ ପ୍ରତିଷ୍ଠାର ୪ର୍ଥ ବାର୍ଷିକୋତ୍ସବ

**ବାଲୁଗାଁ/ ବାଣପୁର, ୨୩।୧ (ସଂଗ୍ରାମ ପାଇକରାୟ/ ଦିଲୀପ ସ୍ୱାଇଁ)**

ଚିଲିକା ଓକିଲ ସଂଘ ପକ୍ଷରୁ ଗଙ୍ଗାଧରପୁରସ୍ଥିତ ଚିଲିକା ଜୁଡିସିଆଲ କୋର୍ଟ ପ୍ରତିଷ୍ଠାର ୪ର୍ଥ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତା ଏବଂ ପୂର୍ବତନ ସମ୍ପାଦକ ପ୍ରଦୋଷ କୁମାର ଦାସଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବାଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ସବ୍‌ଜଜ ଅମରେଶ ମହାପାତ୍ର, ମୁଖ୍ୟବକ୍ତା ଚିଲିକା ଜୁଡିସିଆଲ କୋର୍ଟର ବିଚାରପତି ଯୁଧିଷ୍ଠିର ଦଳେଇ, ସମ୍ମାନିତ ଅତିଥିଭାବେ ବାଣପୁର ବିଚାର ବିଭାଗୀୟ ଅଦାଲତର ବିଚାରପତି ସ୍ୱାତକୀ ଦାଶ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବାର୍ ଓ ବେଞ୍ଚ ମଧ୍ୟରେ ସମନ୍ୱୟ ରକ୍ଷା କରି ଆଇନଜୀବୀମାନେ ପେସାରେ ସାମାଜିକ କର୍ତ୍ତବ୍ୟବୋଧତା ଏବଂ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ଅତିଥି ଆହ୍ୱାନ ଦେଇଥିଲେ। ସଂଘର ସମ୍ପାଦକ ଅଶୋକ କୁମାର ଚମ୍ପତି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସଭାପତି ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ଚିଲିକା ଓକିଲ ସଂଘ ପକ୍ଷରୁ ପୂର୍ବତନ ସଭାପତି ହରେକୃଷ୍ଣ ଜଗଦ୍ଦେବ, ଭାସ୍କର ଘଡ଼ାଇ, ଖଗେଶ୍ୱର ପାତ୍ର, କାର୍ଯ୍ୟନିର୍ବାହୀ ସଭ୍ୟ ମନୋରଞ୍ଜନ ପରିଡ଼ା, କିଶୋର ବେହେରାଙ୍କ ଦ୍ୱାରା ମଞ୍ଚାସୀନ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ଭାଷଣ ପ୍ରଦାନ କରାଯାଇଥିଲା। ଶେଷରେ ସଙ୍ଘର ଉପସଭାପତି ସୁରେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ପୂର୍ବତନ ସମ୍ପାଦକ ଦେବାଶିଷ ରଥଙ୍କ ସଂଯୋଜନାରେ ଚିଲିକା ଓକିଲ ସଂଘର କୋଷାଧ୍ୟକ୍ଷ ରାମ ଚନ୍ଦ୍ର ପଲାଇଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଆଇନ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

**ଖୋର୍ଦ୍ଧା, ୨୩।୧ (ପ୍ରଭାତ ପାଣିଗ୍ରାହୀ)**

ତାଲୁକ ଆଇନ ସେବା କମିଟି ପକ୍ଷରୁ ଖୋର୍ଦ୍ଧା ଆଇନ କଲେଜ ପରିସରରେ ପୋକ୍‌ସୋ ଆଇନ, ସାମ୍ବିଧାନିକ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଦ୍ୱିତୀୟ ଅତିରିକ୍ତ ଜିଲାଜଜ୍ ସୁଷମା ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏସ୍‌ଡିଜେଏମ୍ ପ୍ରତାପ କୁମାର ପୃଷ୍ଟି, ସିଜେମ୍ ଶରତ କୁମାର ଜେନା ଉପସ୍ଥିତ ଥିଲେ। ଅଧିବକ୍ତା ନ୍ୟାୟବନ୍ଧୁ ଅଶୋକ କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ବିଜୟ କୁମାର ସାମନ୍ତସିଂହାର ପ୍ରମୁଖ ପୋକ୍‌ସୋ ଆଇନ ଏବଂ ସମ୍ବିଧାନ ସମ୍ପର୍କୀୟ ଆଇନଗତ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରି ସଚେତନ କରିଥିଲେ। ସଭାରେ ମହାବିଦ୍ୟାଳୟ ଅଧକ୍ଷ ବିବେକାନନ୍ଦ ଛୋଟରାୟ, କେତେଜଣ ଛାତ୍ର ଆଇନ ସମ୍ପର୍କରେ ଅଭିମତ ରଖିଥିଲେ। ପ୍ରଫେସର ଅନ୍ନପୂର୍ଣ୍ଣା ଦେବୀ ଧନ୍ୟବାଦ ଦେଇଥିଲେ। ତାଲୁକ ଆଇନ ସେବା କମିଟି ସମ୍ପାଦକ ବସନ୍ତ ଶତପଥୀ ସଂଯୋଜନା କରିଥିଲେ।

# ନେତାଜୀଙ୍କ ଅଦମ୍ୟ ସାହସ, ବୀରତ୍ୱ ଅବିସ୍ମରଣୀୟ

**ଖୋର୍ଦ୍ଧା/ବୋଲଗଡ଼, ୨୩।୧ (ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଖୋର୍ଦ୍ଧା ଜିଲା ସ୍ୱାଧୀନତା ସଂଗ୍ରାମୀ ଏବଂ ଉତ୍ତର ଦାୟାଦ ପରିବାର ସଙ୍ଗଠନ ତାଙ୍କୁ ସମ୍ମାନ ଜଣାଇଛନ୍ତି। ବୋଲଗଡ଼ ବ୍ଲକ ଅଧୀନ ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ ଚମ୍ପାଇଲୋଠାରେ ଥିବା ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଜାତୀୟତାବାଦୀ ସ୍ଲୋଗାନ ଦେଇଥିଲେ। ପରେ ଆୟୋଜିତ ସଭାରେ ନେତାଜୀଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସଙ୍ଗଠନର ଜିଲା ଉପସଭାପତି ସୁରେଶ ମାନସିଂହଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସଙ୍ଗଠନ ସମ୍ପାଦକ ଶିବନାରାୟଣ ମିଶ୍ର ମୁଖ୍ୟ ଅତିଥି, ଭଏସ୍ ଅଫ୍ ମିଡିଆ ସଂଘ ଖୋର୍ଦ୍ଧା ଜିଲା ସଭାପତି ତଥା ପରିବେଶବିତ୍ ଧନେଶ୍ୱର ବିଧାର, ଯୁଧିଷ୍ଠିର ଉତ୍ତରାୟ, ଅମ୍ବିକା ପ୍ରସାଦ ମହାନ୍ତି, ନୀଳମଣି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନେତାଜୀଙ୍କ ଅଦମ୍ୟ ସାହସ, ବୀରତ୍ୱ ଓ ଦେଶପ୍ରେମ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଚମ୍ପାଇଲୋ ଗ୍ରାମବାସୀଙ୍କ ପକ୍ଷରୁ ମଧ୍ୟ ଏହି ପ୍ରତିମୂର୍ତ୍ତି ନିକଟରେ ପୁଣ୍ୟ ଜନ୍ମତିଥି ପାଳନ



ହୋଇଥିଲା। ଗ୍ରାମବାସୀ ଓ ଛାତ୍ରୀଛାତ୍ର ପ୍ରଭାତଫେରି କରିବା ସହ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଂଗ୍ରାମୀଙ୍କ ଦାୟାଦ ପ୍ରମୋଦ ପ୍ରତାପ ସିଂହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ଅତିଥିଭାବେ ଐତିହାସିକ ରବୀନ୍ଦ୍ର ପରିଡ଼ା ଯୋଗଦେଇ ଦେଶମାତୃକାର ସେବାରେ ଚମ୍ପାଇଲୋର ୩୧ଜଣ ସଂଗ୍ରାମୀଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଦାମୋଦର ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାସୁଦେବ ବରାଡ଼, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଦେଈ, ଅଇଁଠୁ ରଣଜିତସିଂହ, କଳ୍ପତରୁ ପଣ୍ଡା, କିଶୋର ସାହୁ, କୈଳାସ ଚମ୍ପତି, ଯୁଧିଷ୍ଠିର ଉତ୍ତରାୟ, ନକୁଳ ରଣସିଂହ, ଯୋଗୀନାଥ ଦଳସିଂହାର ପ୍ରମୁଖ ଯୋଗଦେଇଥିଲେ।

## 'ଶ୍ରଦ୍ଧା ସୁମନ' ସ୍ମରଣିକା ଉନ୍ମୋଚିତ

**ଖୋର୍ଦ୍ଧା, ୨୩।୧ (ପ୍ରଭାତ ପାଣିଗ୍ରାହୀ)**

କଳା ବିନୋଦ ଚେତନା ପରିଷଦ ଖୋର୍ଦ୍ଧା ଆନୁକୂଲ୍ୟରେ ପ୍ରଫେସର ସନାତନ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଗୀତା ଭବନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧିବକ୍ତା ଶିବସୁନ୍ଦର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମଞ୍ଚରେ ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ଶିକ୍ଷାବିତ୍ ଡ.ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସାମାଜିକ କର୍ମୀ ବିମଳ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ତାଙ୍କ ସ୍ମୃତିରେ 'ଶ୍ରଦ୍ଧା ସୁମନ' ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଦୁର୍ଗାଚରଣ ମହାନ୍ତି, ଡ.ବୃନ୍ଦାବନ ପଣ୍ଡା, ରାଧା ବିନୋଦ ଦାସ କାନୁନଗୋ, ଗୋପାଳକୃଷ୍ଣ ଦାସ, ନିର୍ମଳ ଚନ୍ଦ୍ର ଦାଶ, ଗୋପବନ୍ଧୁ ପଣ୍ଡା, ସନ୍ତୋଷ ମିଶ୍ର, ଶିଶିର ମିଶ୍ର, ସୁଶାନ୍ତ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସସ୍ମିତ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଖୋର୍ଦ୍ଧା, ୨୩।୧ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା କଳିଙ୍ଗ ପାଇକ ସଙ୍ଗଠନ ନବୀନାବାଗସ୍ଥିତ କାର୍ଯ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ଉଭୟ ସଂଗ୍ରାମୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ବିନାୟକ ପାଇକରାୟ, ବେଲେଶ୍ୱର ଯୁଝାରସିଂହ, ସୌଦାମିନୀ ପଟ୍ଟନାୟକ, ପ୍ରେମାଞ୍ଜଳୀ ଦେବୀ, ବୈଜୟନ୍ତି ତ୍ରିପାଠୀ, ବାଇଧର ମିଶ୍ର, ବଂଶୀଧର ଦାସ, ରତ୍ନାକର ରଣସିଂହ, ବିଦ୍ୟାଧର ଲେଙ୍କା, ପ୍ରଫୁଲ୍ଲ କୁମାର ଦାସ, ସୁଷମା ପ୍ରଧାନ, ବୈଦ୍ୟନାଥ ବରାଳ, ବିକ୍ରମ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସୁଭାଷ ଏବଂ ସୁରେନ୍ଦ୍ର ସାଏଙ୍କ ବୀରତ୍ୱ, ମାତୃପ୍ରୀତି, ତ୍ୟାଗ ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ। ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଅତିଥି ପରିଚୟ ଏବଂ ଧନ୍ୟବାଦ ଦେଇଥିଲେ।

# ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବ ପୁରସ୍କାର

**ବୋଲଗଡ଼, ୨୩।୧ (ଦେବବ୍ରତ ହୋତା)**

ବୋଲଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଭାସମ୍ପନ୍ନ ବିଦ୍ୟାର୍ଥୀଙ୍କ ଅନ୍ତର୍ନିହିତ ଗୁଣାବଳୀ ବିକାଶକୁ ପ୍ରୋତ୍ସାହିତ କରିଥାଏ ପୁରସ୍କାର ବୋଲି କହିଥିଲେ। ଅତିଥିଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ କୁମାର ମଲ୍ଲିକ, ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ମୁଖ୍ୟବକ୍ତା ଶିକ୍ଷାବିତ୍ ଗୋପୀନାଥ ଖାଡଙ୍ଗା, ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଦସ୍ୟା ସୁନନ୍ଦିତା ସାହୁ, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା




ନିର୍ମଳା ପ୍ରଧାନ, ଏବିଇଓ କୈଳାସ ନାଥ ସ୍ୱାଇଁ ଓ ଅମିତ ମିଶ୍ର, ପରିଚାଳନା କମିଟି ସଭାପତି ଦିଲୀପ ସାହୁ, ପଞ୍ଚସଖା ଶିକ୍ଷା ସେତୁ ଅଧକ୍ଷା ସନ୍ଧ୍ୟାରାଣୀ ପ୍ରଧାନ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ବାଙ୍କୋଇ ସରକାରୀ ଉଚ୍ଚ ବିଦ୍ୟାଳୟର ୫୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବଦ୍ଦୁଲ ହାସନ ଖାଁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ବଳବନ୍ତରାୟ, ମୁଖ୍ୟବକ୍ତା ଶିକ୍ଷାବିତ୍ କାଳୀଚରଣ ଜୟସିଂହ, ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସରପଞ୍ଚ ରଶ୍ମିତା ରାଉତରାୟ, ସମିତିସଭ୍ୟ ରଞ୍ଜନ ଲେଙ୍କା, ଜୟକୃଷ୍ଣ ଫତେସିଂହ, କୁଳମଣି ହୋତା, ନବକିଶୋର ସାମନ୍ତସିଂହାର, ଫକିର ମୋହନ ଫତେସିଂହ, ଭାସ୍କର ଚନ୍ଦ୍ର ରାଉତରା, କୃତ୍ତିବାସ ସାହୁ, ମାଧବ ଚନ୍ଦ୍ର ବିଶ୍ୱାଳ, ମୋ ସ୍କୁଲ ସମ୍ପାଦକ ସୁରେଶ ସାମନ୍ତରାୟ, ସ୍କୁଲ ପରିଚାଳନା କମିଟି ସଭାପତି ସସ୍ମିତା ବଳିୟାରସିଂହ, ସିଆର୍‌ସିସି ସନ୍ତୋଷ ସାମଲ, ଧୀରେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ୧୫୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ଦାଶ ଅତିଥି ପରିଚୟ ଏବଂ ଶିକ୍ଷୟିତ୍ରୀ ସସ୍ମିତା ଦଳାଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ନୀଳିମାରାଣୀ ସେଠୀ ଧନ୍ୟବାଦ ଦେଇଥିଲେ।

# ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**ବାଘମାରୀ, ୨୩।୧ (ମିହିର ରଞ୍ଜନ ମହାପାତ୍ର)**

ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଏକ କଲ୍ୟାଣ ମଣ୍ଡପ ପରିସରରେ ତ୍ରିଧାରା ସାହିତ୍ୟ ସଂସଦର ଦ୍ୱିତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ରାଜକିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଗ୍ରନ୍ଥକାର ପରଂବ୍ରହ୍ମ ତ୍ରିପାଠୀ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ପୂର୍ବତନ ଶିଳ୍ପ ବିଭାଗ ସହକାରୀ ପରିଚାଳକ ସୁନୀଲ ପଟ୍ଟନାୟକ, ସାମାଜିକ କର୍ମୀ ଜୟସୂର୍ଯ୍ୟ କାନୁନ୍‌ଗୋ, ସାହିତ୍ୟିକ ରଙ୍କନିଧି ବଳିୟାରସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଦାଶରଥି ପଣ୍ଡା, ଦୟାନିଧି ବେହେରା ଏବଂ ଦାଶରଥି ବେହେରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ରଜନୀକାନ୍ତ ପଣ୍ଡାଙ୍କ ସମ୍ପାଦକୀୟ ପାଠ ପରେ କବି ଅଖିଳେଶ ମହାପାତ୍ର ଏବଂ ଶ୍ରୀକାନ୍ତ ନାୟକଙ୍କ ସଂଯୋଜନାରେ ୭୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଗାୟକ ସମ୍ରାଟ୍ ବିଶ୍ୱନାଥ ପାଟଯୋଶୀ ସମ୍ମାନରେ ଅମରେନ୍ଦ୍ର ପଟ୍ଟନାୟକ, ଶିଳ୍ପୀ ଗୁରୁ କଳିଙ୍ଗ ମହାରଣା ସମ୍ମାନରେ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ବିଶିଷ୍ଟ ମହିଳା ସମ୍ମାନରେ ରଞ୍ଜିତା ପଟ୍ଟନାୟକ, ବିଭୁ ହୋତା ସାହିତ୍ୟ ସମ୍ମାନରେ କବି ବିଶ୍ୱ ମହାପାତ୍ର ଏବଂ ସୁକାନ୍ତି ସାହୁ, ବୀଣାପାଣି ସାହୁ ଓ ବଂଶୀଧର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରସନ୍ନ ବିଶୋୟୀ, ଅର୍ଜୁନ ପାଇକରାୟ, ବିଭୁ ହୋତା, ରାମଚନ୍ଦ୍ର ସାହୁ, ଜନ୍ମେଶ୍ୱର ମଙ୍ଗରାଜ, ପ୍ରସନ୍ନ ମଣ୍ଡଳ, ବସନ୍ତ ସାହୁ, ବାଳକୃଷ୍ଣ ନାୟକ, ଗୀତାଞ୍ଜଳି ମହାପାତ୍ର, ଗୀତାଞ୍ଜଳି ପଣ୍ଡା, ସନ୍ଧ୍ୟାରାଣୀ ମହାପାତ୍ର, ପଦ୍ମାଳୟା ମହାପାତ୍ର, ସରୋଜିନୀ ପାଢ଼ଶାଣୀ, ମଧୁସୂଦନ ରାଉତରାୟ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ଆବାହକ କଳ୍ପତରୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସଡ଼କ ସୁରକ୍ଷା ବାର୍ତ୍ତା ବାଣ୍ଟିଲେ ଛାତ୍ରୀଛାତ୍ର

**ବେଗୁନିଆ, ୨୩।୧ (ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡ଼କ ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏନ୍‌ସିସି ଅଧିକାରୀ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବେଗୁନିଆ ବଜାରଠାରେ ଏନ୍‌ସିସି ବିଭାଗର ଛାତ୍ରୀଛାତ୍ରମାନେ ବିଭିନ୍ନ ସଚେତନତା ବାର୍ତ୍ତା ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ କୁମାର ମୁନି, ଶିକ୍ଷକ ପ୍ରଭାତ ନିଶଙ୍କ, ଅଜିତ କୁମାର ପୁରୀ, ସୁରଜିତ ଦଳାଇ, ଶ୍ରୀକାନ୍ତ ପଣ୍ଡା, ହିମାଂଶୁ ଭୂଷଣ ସ୍ୱାଇଁ, ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସିଟ୍ ବେଲ୍ଟ ବ୍ୟବହାର, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବାରଣ, ହେଲ୍‌ମେଟ ବ୍ୟବହାର ବାଧ୍ୟତାମୂଳକ ଆଦି ଅନେକ ସଚେତନତା ବାର୍ତ୍ତା ଦେଇ ଚକୋଲେଟ ଏବଂ ଗୋଲାପ ଫୁଲ ମାଧ୍ୟମରେ ଚାଳକଙ୍କୁ ନିବେଦନ କରିଥିଲେ।




# ମାତୃଭୂମି ସେବାରେ ବ୍ରତୀ ହେବାକୁ ଆହ୍ୱାନ

**ବାଲୁଗାଁ, ୨୩।୧ (ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ରୋଭର-ରେଞ୍ଜର ଏବଂ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଡ. କୈଳାସ ଚନ୍ଦ୍ର ମହାରଣା ଏବଂ ଅଧ୍ୟାପିକା ସ୍ନିଗ୍ଧାରାଣୀ ମୁଦୁଲିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଅଧକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧି ନେତାଜୀଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ସ୍ୱେଚ୍ଛାସେବୀ ବିକ୍ରମ ବିଶୋୟୀ ଯୋଗଦେଇଥିଲେ। ଶେଷରେ ସ୍ନିଗ୍ଧା ମୁଦୁଲି ଧନ୍ୟବାଦ ଦେଇଥିଲେ।

**ନିରାକାରପୁର, (ମାନସ ଚନ୍ଦ୍ର ପଟ୍ଟନାୟକ):** ସ୍ଥାନୀୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପକ୍ଷରୁ କଲେଜଛକ ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିଠାରେ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ ଏବଂ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥିଭାବେ ଅଧ୍ୟାପକ ଡ.ଜୟନ୍ତ ବାନାର୍ଜୀ, ଚାଷୀନେତା ବିପିନ ଜୟସିଂହ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏନ୍‌ସିସି ଅଫିସର ଲକ୍ଷ୍ମୀପ୍ରିୟା ଚାନ୍ଦ ପରିଚାଳନା କରିଥିଲେ। ଅନୁରୂପଭାବେ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଙ୍ଘ ସଭାପତି ପଦ୍ମନାଭ ବିଶ୍ୱାଳ, ରେଙ୍ଗଟା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମର ଜୟସିଂହ, ଭୂଷଣ୍ଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଃଶାସନ ସେଠୀ, ଶ୍ରୀ ଦେବୈ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦପାଠଶାଳାରେ ଅଧକ୍ଷ ଡ.କୃପାସିନ୍ଧୁ ପଣ୍ଡା, ଯାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମ ଚନ୍ଦ୍ର ନାୟକ, ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠାନର ସମ୍ପାଦକ ବଭୂତି ଭୂଷଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏହି ଜୟନ୍ତୀ ପାଳିତ ହୋଇଥିଲା।

**ଟାଙ୍ଗୀ, (ରଘୁନାଥ ସାହୁ):** ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଭଗବାନ ଚମ୍ପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ବଳବନ୍ତରାୟ,



ଅରୁଣ ରଞ୍ଜନ ମହାନ୍ତି, ମହେଶ୍ୱର ପ୍ରଧାନ, ବିଜୟ ରାଉତ, ହିମାଂଶୁ ଭୂଷଣ ରଥ, ଉମେଶ ପ୍ରସାଦ ଧଳ, ଗୋବିନ୍ଦ ଚନ୍ଦ୍ର ମହାରଣା, ସାରଙ୍ଗଧର ପାଲଟାସିଂ, ଉପସଭାପତି ରାଜକିଶୋର ରଣସିଂହ, ଗଙ୍ଗାଧର ସୁନ୍ଦରାୟ, ଗୋବିନ୍ଦ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ ପ୍ରମୁଖ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ଶେଷରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦେବଦତ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ସେହିପରି ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀରସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସ୍ୱାସ୍ଥ୍ୟକର୍ମୀ କାହ୍ନୁଚରଣ ପରିଡା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ମନୋରମା ସାହୁ, ରୂପାଲି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ମନୋରମା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**ବାଣପୁର, ୨୩।୧ (ଦିଲୀପ ସ୍ୱାଇଁ):** ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ବୋଷ ଏବଂ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ନେହେରୁ ସେବାସଂଘର କନକ ଭବନରେ ଅନୁଷ୍ଠିତ ହୋଇଯାଇଛି। ସେବା ସଂଘର ସମ୍ପାଦିକା ସରୋଜିନୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକ ଓମ୍ ପ୍ରକାଶ ଅଗ୍ରୱାଲ ମୁଖ୍ୟ ଅତିଥି, ଚିଲିକା ସାହିତ୍ୟ ସମାଜର ସଭାପତି ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ପ୍ରଦୀପ ଦାସ ଅତିଥିଙ୍କ ପରିଚୟ, ପରିଚାଳନା କମିଟି ସଦସ୍ୟ ବୀରେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

**ଜଟଣୀ, (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି। ଉଭୟ ଅନୁଷ୍ଠାନର ସଭାପତି ଅବନୀ ରାଉତରାୟ ପୌରହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ରବୀନ୍ଦ୍ର ପ୍ରସାଦ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସାଧାରଣ ସମ୍ପାଦକ ଜବାହରଲାଲ ସୁବୁଦ୍ଧି ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ରେଲ୍‌ୱେ ଶ୍ରମିକ ନେତା ବିଜୟ ରାମ ମହାନ୍ତି, ସାହିତ୍ୟିକ ସୁରେଶ ଚନ୍ଦ୍ର ରଥ, ଆଦିନାରାୟଣ ଖଣ୍ଡୁଆଳ, ଭକ୍ତବନ୍ଧୁ ଚୌଧୁରୀ, ସାରଙ୍ଗଧର ବେହେରା, ସେକ୍ ସରିଫ, ବାସୁଦେବ ସେଠୀ, ଆଶୁତୋଷ ରାୟ, ବେଣୁଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**କଣାସରେ ଖୋଲିଲା ଧାନମଣ୍ଡି**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)-କଣାସ ବ୍ଲକ ଗଡ଼ବଳଭଦ୍ରପୁର ପଞ୍ଚାୟତ ମନ୍ଦାକିନୀ ସେବା ସମବାୟ ସମିତି ପକ୍ଷରୁ କଣାସରେ ପ୍ରଥମ ଧାନମଣ୍ଡି ଖୋଲାଯାଇଛି। ଧାନମଣ୍ଡିକୁ ସମବାୟ ସମିତିର ସଭାପତି ଉମାକାନ୍ତ ପଟ୍ଟନାୟକ ଉଦ୍‌ଘାଟନ କରିଥିବା ବେଳେ ସମ୍ପାଦକ ବିପିନ ପଟ୍ଟନାୟକ, ମଣ୍ଡି ନୋଡାଲ୍ ଅଫିସର ଲଳିତ ମୋହନ ନାୟକ, ଏରିଆ ଅଫିସର ପାର୍ଥସାରଥି ମାଣିକ, କଣାସ ବ୍ଲକ ଯୋଗାଣ ଅଧିକାରୀ କବିତା ବେହେରା, ପରିଚାଳନା କମିଟିର ବାବୁଲି ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ। ଧାନ ବିକ୍ରି କରିବା ପାଇଁ ୨୬୦ଜଣ ଚାଷୀ ଅନ୍‌ଲାଇନ୍‌ରେ ପଞ୍ଜୀକୃତ କରିଥିବା ବେଳେ ପ୍ରଥମ ଦିବସରେ ୧୫ଜଣ ଚାଷୀଙ୍କଠାରୁ ୬ କୁଇଣ୍ଟାଲ ୪୦ କି.ଗ୍ରା. ଧାନ କ୍ରୟ କରାଯାଇଥିଲା। ପ୍ରଥମ ଦଫାରେ ୬ହଜାର କୁଇଣ୍ଟାଲ ଧାନକିଣିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବା ସମ୍ପାଦକ ବିପିନ ପଟ୍ଟନାୟକଙ୍କଠାରୁ ପ୍ରକାଶ ।

# ଖତ ଖାଉଛି ବ୍ୟାଟେରି ଅଟୋ

## ପର୍ଯ୍ୟଟକଙ୍କ ପାଇଁ କିଣାଯାଇଥିଲା

କୋଣାର୍କ,୨୩।୧(ଜ୍ୟୋତିରାଜ ମହାନ୍ତି)



କୋଣାର୍କସ୍ଥିତ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ଖାମଖିଆଲ ମନୋଭାବ ଯୋଗୁ ଲକ୍ଷାଧିକ ଟଙ୍କାର ବ୍ୟାଟେରି ଅଟୋରିକ୍ସା ଖତ ଖାଉଛି।

ଖବରରୁ ପ୍ରକାଶ, କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଦେଶ ବିଦେଶରୁ ଆସୁଛନ୍ତି। କୋଣାର୍କ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କୁ ସୁଲଭ ମୂଲ୍ୟରେ ଯାତାୟାତ କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ୩୦ରୁ ଉର୍ଦ୍ଧ୍ୱ ବ୍ୟାଟେରି ଅଟୋରିକ୍ସା କ୍ରୟ କରାଯାଇଥିଲା। ତତ୍କାଳୀନ କୋଣାର୍କ ଏନ୍‌ଏସିର ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସଙ୍କ ସମୟରେ ଏହି ବ୍ୟାଟେରିଚାଳିତ ଅଟୋରିକ୍ସା କିଣାଯାଇଥିଲା। ତାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଦାନ ପୂର୍ବକ ଆତ୍ମନିର୍ଭରଶୀଳ କରିବା ସହ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ମାତ୍ର ଏହାକୁ ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ କୋଣାର୍କ ଏନ୍‌ଏସି କର୍ତ୍ତୃପକ୍ଷ ଅଫିସ ପରିସରରେ ଏହି ଅଟୋ ରିକ୍ସାଗୁଡ଼ିକ ପଡ଼ିରହି ଖତ ଖାଉଛି। ଫଳରେ ରାଜ୍ୟ ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ଘଟିଛି। ଦୀର୍ଘ ଦିନ ଧରି ଅଟୋରିକ୍ସା କ'ଣ ପାଇଁ ପଡ଼ିରହିଛି, ଏଥିପାଇଁ କିଏ ଦାୟୀ ଓ ଏଗୁଡ଼ିକ କ'ଣ ପାଇଁ ବଣ୍ଟନ ନ ହୋଇ ଖତ ଖାଉଛି, ତାହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ, ପର୍ଯ୍ୟଟକପ୍ରେମୀ, ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ମନ୍ତ୍ରୀ, ବିଭାଗୀୟ ସଚିବ, ବିଭାଗୀୟ ନିର୍ଦ୍ଦେଶକ ଓ ପୁରୀ ଜିଲାପାଳ ଏହାର ସତ୍ୟତା ଉନ୍ମୋଚନ କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀଙ୍କୁ ପଚାରିବାରେ, ବାରମ୍ବାର ନିର୍ବାହୀ ଅଧିକାରୀଙ୍କ ବଦଳି ହେତୁ ଏଗୁଡ଼ିକୁ ବଣ୍ଟନରେ ବିଳମ୍ବ ହେଉଛି। ଖୁବ୍‌ଶୀଘ୍ର କାଉନ୍‌ସିଲ ବୈଠକ ଡକାଯାଇ ଏହାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯାଇ ସ୍ଥାୟୀ ସମାଧାନ କରାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ବିଭିନ୍ନ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ

ପିପିଲି,୨୩।୧(ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ହରିଅନ୍ତା ପିୟୁପି, ଆରୁହା ୟୁଜିୟୁପି, ଅଡ଼ଙ୍ଗପଡ଼ା ପ୍ରାଥମିକ, ନୀଳକଣ୍ଠ ନୋଡାଲ ୟୁପି, କଣ୍ଟାପଡ଼ା ପ୍ରାଥମିକ, କୁଞ୍ଜର ପ୍ରାଥମିକ, ତଳଉ ପ୍ରାଥମିକ, ଶିଉଳା ପ୍ରାଥମିକ, ଗୋବିନ୍ଦପୁର ନୋଡାଲ ଏବଂ ହାଇସ୍କୁଲ, ବାଲୁଙ୍କେଶ୍ୱର ୟୁପି ଓ ହାଇସ୍କୁଲ ସମେତ ବେସରକାରୀ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ନେତାଜୀ ଏବଂ ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ପୂଜାର୍ଚ୍ଚନା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏହି ୨ ବୀର ସଂଗ୍ରାମୀଙ୍କ ଭାରତ ସ୍ୱାଧୀନତା ପାଇଁ ବୀରତ୍ୱର ଗାଥା ଏବଂ ସେମାନଙ୍କ ଜୀବନୀ ବର୍ଣ୍ଣନା କରିଥିଲେ।

### ପାଲା କଳାକାରଙ୍କ ସ୍ମୃତିଚାରଣ ସଭା

ସାକ୍ଷୀଗୋପାଳ,୨୩।୧(ଭରତ ରାଉତ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର ଦିହୁଡ଼ିସାହିର ବାସିନ୍ଦା ତଥା ବରିଷ୍ଠ ପାଲା ସହକର୍ମୀ ଭ୍ରମର ପ୍ରଧାନଙ୍କ ତ୍ରୟୋଦଶାହ ଉପଲକ୍ଷେ ସତ୍ୟବାଦୀ ପାଲାଗାୟକ ମଣ୍ଡଳ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ପାଲାଗାୟକ ମଣ୍ଡଳର ସଭାପତି ବିଶ୍ୱନାଥ ବିଶ୍ୱାଳ, ଅଖଣ୍ଡପୁରୀ ଜିଲା ପାଲାଗାୟକ ପରିଷଦର ସମ୍ପାଦକ ଲମ୍ବୋଦର ବେହେରା, ନିମାପଡ଼ା ବ୍ଲକ କଳା ସଂସ୍କୃତି ସଂଘ ଉପାଧ୍ୟକ୍ଷ ପବିତ୍ର ମୋହନ ପ୍ରଧାନ, ବିଶିଷ୍ଟ ଜ୍ୟୋତିର୍ବିଦ ତଥା ସାହିତ୍ୟିକ ଡ. ଦେବୀ ପ୍ରସାଦ ମହାପାତ୍ର, ବିଶିଷ୍ଟ ପାଲା ଗାୟକ ତଥା ଶିକ୍ଷକ ସଦାଶିବ ବରାଳ, ପାଲା ଗାୟକ ଲକ୍ଷ୍ମୀଧର ନାୟକ, କାଳନ୍ଦୀ ଚରଣ ନାୟକ, ଗୁରୁ କୁଳମଣି ବିଶ୍ୱାଳ, ପ୍ରତାପ କୁମାର ପ୍ରଧାନ, ଶ୍ରୀରାମ ସ୍ୱାଇଁ, ବିଜୟ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜୟନ୍ତ କୁମାର ବିଶ୍ୱାଳ, ରବିନାରାୟଣ ବେହେରା, ରବୀନ୍ଦ୍ର ସାହୁ, ସୁଧୀର ସ୍ୱାଇଁଙ୍କ ସମେତ ଅନେକ ପାଲା କଳାକାର ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

### ଜାଗ୍ରତ ଯୁବଶକ୍ତି ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

ନିମାପଡ଼ା,୨୩।୧(ରଞ୍ଜନ ପଟ୍ଟନାୟକ)

ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ନିମାପଡ଼ା ଦହିଜଙ୍ଗ ବିଦ୍ୟାଳୟ ପଡ଼ିଆରେ 'ଜାଗ୍ରତ ଯୁବଶକ୍ତି' ଯୁବ ସଂଗଠନ ପକ୍ଷରୁ ଏକ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଡ଼ିଆକୁ ସ୍ୱଚ୍ଛ କରାଯିବା ସହିତ ପ୍ରାୟ ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ପରିତ୍ୟକ୍ତ ସାମଗ୍ରୀକୁ ଅନୁଷ୍ଠାନ ପକ୍ଷରୁ ସଂଗ୍ରହ କରାଯାଇଥିଲା।

### ଟ୍ରାଫିକ ନିୟମ ଅନୁପାଳନ, ହେଲ୍‌ମେଟ ବ୍ୟବହାର ନେଇ ସଚେତନତା

କୋଣାର୍କ,୨୩।୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭଗବତୀ ମହାବିଦ୍ୟାଳୟ ଓ ପୁରୀ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ କୋଣାର୍କ-ଗୋପ ପୂର୍ତ୍ତ ବିଭାଗ ରାସ୍ତାର ଭଗବତୀ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ମଙ୍ଗଳବାର ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ହୋଇଯାଇଛି। ଜନସାଧାରଣ ହେଲମେଟ ପରିଧାନ କରି ସୁରକ୍ଷିତ ଭାବେ ଯାତ୍ରା କରିବା ସହ ଟ୍ରାଫିକ ନିୟମ ଅନୁଯାୟୀ ଗାଡ଼ି ଚାଳନା ପାଇଁ ସଚେତନ କରାଯାଇଥିଲା। ପୁରୀ ଜିଲା ପରିବହନ ଅଧିକାରୀ ରବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଟ୍ରାଫିକ ଇନ୍‌ସପେକ୍ଟର ସୁଶାନ୍ତ କୁମାର ପାତ୍ର, ମୋଟର ଯାନ ନିରୀକ୍ଷକ ରାକେଶ ମହାପାତ୍ର, ଅମିତ ରଣା, ଭଗବତୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅବତାର ମିଶ୍ର, କୋଣାର୍କ ଥାନା ସବ୍ ଇନ୍‌ସପେକ୍ଟର ସଂଘମିତ୍ରା ଚାନ୍ଦ ଓ ହାବିଲଦାର ପ୍ରଦୀପ ମିଶ୍ରଙ୍କ ସମେତ ଭଗବତୀ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀ ହେଲମେଟ ପିନ୍ଧି ଯାଉଥିବା ଲୋକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟାପକ ଅରବିନ୍ଦ ସାହୁ ଓ ଅଧ୍ୟାପିକା ସନ୍ଧ୍ୟାରାଣୀ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ମଧୁବନସ୍ଥିତ ବିନାୟକ ବିଦ୍ୟାମନ୍ଦିରର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ର ଓ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

## ବିନାୟକ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ମଧୁବନସ୍ଥିତ ବିନାୟକ ବିଦ୍ୟାମନ୍ଦିରର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ ଗୁରୁବାର ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀପ୍ରସାଦ କର ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ମୁଖ୍ୟ ଅତିଥି, ଗଞ୍ଜାମ ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପରିଡା ମୁଖ୍ୟବକ୍ତା, ପୁରୀ ସଦର ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର, ଶିକ୍ଷା ବିକାଶ ପରିଷଦ ଓଡ଼ିଶାର ସମ୍ପାଦକ ସୁରେଶ ଚନ୍ଦ୍ର ସାମନ୍ତରାୟ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରତ୍ନାକର ବେହେରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ଅନିତା ମିଶ୍ର, ରାଜ୍ୟ ସଂଗଠକ ପ୍ରଦ୍ୟୁମ୍ନ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ ଏବଂ ସୁଜାତା ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜ୍ୟୋତିପ୍ରକାଶ ମହାରଣା, ପ୍ରଜ୍ଞା ସାହୁ, ପୂଜା ସାହୁ, କଳ୍ପନା ମଞ୍ଜରୀ ଜେନା, ବିକାଶ ଦତ୍ତ ପ୍ରମୁଖଙ୍କୁ ସମ୍ମାନିତ କରାଯିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିକାଶ ଦତ୍ତ ଧନ୍ୟବାଦ ଦେଇଥିଲେ।

## ରକ୍ତଦାନ ଶିବିର

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଗୁରୁବାର ନବକଳେବର ରୋଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମିତ୍ର ସଂଘ ଓ ହାପିନେସ୍ ଫାଉଣ୍ଡେଶନ୍ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କ୍ରିଷ୍ଣା ମହାପାତ୍ର ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୫୧ ଜଣ ରକ୍ତଦାନ କରିଥିଲେ। ମିତ୍ର ସଂଘ ପ୍ରତିଷ୍ଠାତା ଅନନ୍ତ କୁମାର ଶତପଥୀ, ସଭାପତି ସୁବାଷିନୀ ଶତପଥୀ, କୋଷାଧ୍ୟକ୍ଷ ଆଲୋକ ମହାନ୍ତି, ସଦସ୍ୟ ଜଗଜିତ୍ ବିଶୋଇ, ଶିବରାମ ଦାସ, ବିକ୍ରମ ସେନାପତି ଏବଂ ହାପିନେସ୍ ଫାଉଣ୍ଡେସନ ପ୍ରତିଷ୍ଠାତା ଇଂ. ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ, ସଂଯୋଜକ ମାନସ ବେହେରା, ଟି. ମନୋଜ କୁମାର ପ୍ରଧାନ, ମାମିନା ପ୍ରଧାନ, ବିଷ୍ଣୁପ୍ରିୟା ସାହୁ, ରୋଜାଲିନ ସାହୁ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡା. ଦୀପକ ସାହୁ, କାଉନସେଲର୍ ପ୍ରୀତିରଞ୍ଜନ ନାୟକ ପ୍ରମୁଖ ସହାୟତା କରିଥିଲେ।

# ପିପିଲି ବଜାର ଦେଇ ବସ୍ ଚଳାଚଳ ପାଇଁ ମାନବାଧିକାର କମିଶନରଙ୍କ ନିର୍ଦ୍ଦେଶ

## ପରିବହନ କମିଶନର ଓ ପୁରୀ ଜିଲାପାଳଙ୍କୁ ନୋଟିସ

ପିପିଲି,୨୩।୧ (ଦୁର୍ଗାମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର)

ଓଡ଼ିଶା ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଏସ୍. ପୂଜାହାରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୁରୀରୁ ଭୁବନେଶ୍ୱର ଓ କଟକ ଯାଉଥିବା ବସ୍‌ଗୁଡ଼ିକ ପିପିଲି ବଜାର ଦେଇ ନ ଯିବା ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଥିବା ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଗୁରୁବାର ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ପିପିଲି ବଜାର ଦେଇ ବସ୍‌ଗୁଡ଼ିକ ଯାତାୟାତ କରିବା ଲାଗି ରୁଟ୍ ପର୍ମିଟ ଥିବାରୁ ତୁରନ୍ତ ପଦକ୍ଷେପ ନେବାକୁ ପରିବହନ କମିଶନର ଓ ପୁରୀ ଜିଲାପାଳଙ୍କୁ ନୋଟିସ୍ ଜାରି କରିଛନ୍ତି। ଆଡ୍‌ଭୋକେଟ ନିଶିକାନ୍ତ ମିଶ୍ରଙ୍କ ପିଟିଶନ ଆଧାରରେ ମାନବାଧିକାର କମିଶନ ଅଧ୍ୟକ୍ଷ ପୂଜାହାରୀ ଏହି ନିର୍ଦ୍ଦେଶ ଦେଇଛନ୍ତି।

ପୂର୍ବରୁ ମିଶ୍ର କମିଶନଙ୍କ ନିକଟରେ ୨୦୧୬ ରେ ଏକ ମାମଲା ଦାଏର କରିଥିଲେ। କମିଶନଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନିକ ଅଧିକାରୀମାନେ ତତ୍ପର ହୋଇ ପଦକ୍ଷେପ ନେବାରୁ ପିପିଲି ବଜାର ଦେଇ କିଛିଦିନ ଯାତ୍ରୀବାହୀ ବସ୍‌ଗୁଡ଼ିକ ଚଳାଚଳ କରିଥିଲା। ଜିଲାପାଳ ଏ ସମ୍ପର୍କରେ ରିପୋର୍ଟ ଦେବା ପରେ କମିଶନ ସେହି ମାମଲାଟିକୁ ୧୫।୧୧।୨୦୧୮ରେ ବନ୍ଦ କରିଥିଲେ। କିନ୍ତୁ ପରେ ପୁଣି ପୂର୍ବପରି ବାଇପାସ୍ ଦେଇ ଚଳାଚଳ କରୁଛି। ଏବେ ପୁଣିଥରେ ମିଶ୍ର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବସ୍‌ଗୁଡ଼ିକ ପିପିଲି ବଜାର ଦେଇ ନ ଯିବାରୁ ଯାତ୍ରୀମାନେ ବିଶେଷକରି ବୟସ୍କ, ମହିଳା, ଶିଶୁ ଓ ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି। ଏହି ମାମଲାର ଶୁଣାଣି କରି କମିଶନ ପରିବହନ କମିଶନର ଓ ପୁରୀ ଜିଲାପାଳଙ୍କୁ ଏନେଇ ନୋଟିସ ଜାରି କରିଛନ୍ତି। ମଧ୍ୟବର୍ତ୍ତିକାଳୀନ ପଦକ୍ଷେପ ସ୍ୱରୂପ ପିପିଲି ବଜାର ଦେଇ ଯିବା ଆସିବା ଲାଗି ପର୍ମିଟ୍ ପାଇଥିବା ବସ୍‌ଗୁଡ଼ିକ ଯେପରି ପିପିଲି ବଜାର ଦେଇ ଯିବେ ସେଥିପ୍ରତି ଦୃଷ୍ଟି ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୨୪।୨।୨୦୨୫ରେ ହେବ। ଏହା ପୂର୍ବରୁ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ପରିବହନ କମିଶନର ଓ ପୁରୀ ଜିଲାପାଳଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଡେଲାଙ୍ଗ,୨୩।୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ ଗଡେଶ୍ୱର ଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିଆର୍‌ସିସି ପବିତ୍ର କୁମାର ପଣ୍ଡା ଯୋଗଦେଇ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଭବିଷ୍ୟତରେ ଭଲ ମଣିଷ ହୋଇପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବ ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରା ସଭାପତିତ୍ୱ କରିଥିବା ବେଳେ ସିଆର୍‌ସିସି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଆୟୋଜିତ ପ୍ରଥମ ସମାପ୍ତିସୂଚକ ଆକଳନରେ କୃତୀ ଛାତ୍ରୀଛାତ୍ର, ଖେଳକୁଦ, ପରିବେଶ ପରିଷ୍କାର ପରିଚ୍ଛନ୍ନତା, ଶିକ୍ଷଣ ପାଠ୍ୟ ଉପକରଣ ସାମଗ୍ରୀ ପ୍ରସ୍ତୁତ କରିଥିବା ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଛାତ୍ର ସଂସଦ ସଭାପତି ବ୍ରହ୍ମାନନ୍ଦ ପରିଡ଼ାଙ୍କ ସମେତ ଅନ୍ୟ ୨ଜଣ ଓ ମୋ ସ୍କୁଲ ଅଭିଯାନକୁ ସହଯୋଗର ହାତ ବଢ଼ାଇଥିବା ଶିକ୍ଷକ ମନୋରଞ୍ଜନ ଜେନାଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟ ଉପକରଣ ଖେଳନା ପ୍ରସ୍ତୁତ କରିବାକୁ ପ୍ରଶିକ୍ଷଣ ପ୍ରଦାନ କରିଥିବା ୨ଜଣ ସ୍ଥାନୀୟ ହସ୍ତଶିଳ୍ପୀ ପ୍ରଶିକ୍ଷକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ କୃପାସିନ୍ଧୁ ଦାଶ, ସତ୍ୟନାରାୟଣ ସୋରେନ, ଜଗବନ୍ଧୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ନେତାଜୀ ଜୟନ୍ତୀ ସମାବେଶରେ ପ୍ରଧାନ ଶିକ୍ଷକ ଅଭୟଚରଣ ସାହୁ ସଭାପତିତ୍ୱ କରିଥିଲେ।

# ପ୍ରାକୃତିକ ରଙ୍ଗରେ ପ୍ରସ୍ତୁତ ହେଉଛି କପଡ଼ା

ପୁରୀ,୨୩।୧(ଅଜିତ୍ କୁମାର ମହାନ୍ତି)




ଅନେକ ସମୟରେ ଦେଖିବାକୁ ମିଳିଥାଏ ଯେ, କେମିକାଲ୍‌ଯୁକ୍ତ ରଙ୍ଗଯୁକ୍ତ କପଡ଼ା ବ୍ୟବହାର କରିବା ଦ୍ୱାରା ବିଭିନ୍ନ ପ୍ରକାର ସମସ୍ୟା ଲୋକଙ୍କୁ ଦେଖାଦେଇଥାଏ। ବିଶେଷ କରି ତ୍ୱଚା ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ଅନେକ ବ୍ୟକ୍ତି। ତେଣୁ ପ୍ରାକୃତିକ ରଙ୍ଗ ଉପରେ ବର୍ତ୍ତମାନ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ଗଛର ପତ୍ର, ଫୁଲ ଏବଂ ଚେରମୂଳିରୁ ତିଆରି କରାଯାଉଛି ପ୍ରାକୃତିକ ରଙ୍ଗ। ପ୍ରାକୃତିକ ରଙ୍ଗକୁ କପଡ଼ାରେ ଦିଆଯାଇ ଆକର୍ଷଣୀୟ ଢଙ୍ଗରେ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପୁରୀ ମାଟିଆପଡା ସିଏମ୍‌ସି ତାଲିମ୍ କେନ୍ଦ୍ରରେ ମହିଳାଙ୍କୁ ଏ ନେଇ ତାଲିମ୍ ଦିଆଯାଉଛି। ବିଶେଷକରି ପ୍ରାକୃତିକ ରଙ୍ଗରେ ପ୍ରସ୍ତୁତ ହୋଇଥିବା କପଡ଼ାରେ ଡ୍ରେସ୍, ବେଡ଼ସିଟ୍ ସହିତ ଅନେକ କପଡ଼ା ସାମଗ୍ରୀ କରାଯାଇପାରିବ। ତେବେ ବିଭିନ୍ନ ଗଛର ପତ୍ର, ଫୁଲ, ଚେରମୂଳି, ହଳଦୀ, ଖଇର ଆଦି ଜିନିଷରୁ ବିଭିନ୍ନ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରାଯାଇ କପଡ଼ାରେ ଦିଆଯାଇଛି। ତେବେ ପ୍ରକୃତିକ ରଙ୍ଗରେ ପ୍ରସ୍ତୁତ ହେଉଥିବା କପଡ଼ାର ବେଶ୍ ଚାହିଦା ଆଗାମୀ ଦିନରେ ରହିବ ବୋଲି ଆଶା କରାଯାଉଛି। ତେବେ ପ୍ରାକୃତିକ ରଙ୍ଗ କିଭଳି ତିଆରି କରି ହେବ ସେନେଇ ଏକ ପ୍ରଶିକ୍ଷଣ ଶିବିର ଓଡ଼ିଶା ଜୀବିକା ମିଶନ ପକ୍ଷରୁ ପୁରୀ ମାଟିଆପଡା ଛକ ନିକଟ ସିଏମ୍‌ଟିଏସ୍ ତାଲିମ୍ କେନ୍ଦ୍ରରେ ଆୟୋଜନ କରାଯାଇଛି। ଅନେକ ମହିଳା ଏହି ପ୍ରଶିକ୍ଷଣ ଶିବିରରେ ସାମିଲ୍ ହୋଇ ପ୍ରାକୃତିକ ରଙ୍ଗ କିଭଳି ପ୍ରସ୍ତୁତ କରାଯାଏ ତାହା ଶିଖିବା ସହ ଆଗାମୀ ଦିନରେ ଏହି ଜ୍ଞାନକୌଶଳ କୁ ନେଇ ସ୍ୱାବଲମ୍ବୀ ହେବା ପାଇଁ ଆଶା ରଖିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ବାନା ସହିତ ଖଣ୍ଡୁଆ ବସ୍ତ୍ର ଏବଂ ଅନ୍ୟାନ୍ୟ କପଡ଼ା ସାମଗ୍ରୀ ଗୁଡ଼ିକ ରାସାୟନିକ ରଙ୍ଗ ଦ୍ୱାରା ପ୍ରସ୍ତୁତ କରାଯାଉଛି। ତେବେ ଅତୀତରେ ରାସାୟନିକ ରଙ୍ଗ ଯେତେବେଳ ଆବିଷ୍କାର ହୋଇ ନଥିଲା ସେତେବେଳେ ପ୍ରାକୃତିକ ରଙ୍ଗରେ ପତିତପାବନ ବାନା ପ୍ରସ୍ତୁତ କରାଯିବା ସହ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ପ୍ରସ୍ତୁତ କରାଯାଉଥିଲା। ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରାକୃତିକ ଉପାଦନ ତଥା ବିଭିନ୍ନ ଗଛର ପତ୍ର, ଫୁଲ, ଚେର, ହଳଦୀ ସହିତ ଖଇରରୁ ପ୍ରାକୃତିକ ରଙ୍ଗ ତିଆରି କରାଯାଇ କପଡ଼ାରେ ଏହାକୁ ଲଗାଯାଉଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ମହାପ୍ରଭୁଙ୍କର ପତିତପାବନ ବାନା, ଖଣ୍ଡୁଆ ପାଟ, ମଠା, ଗାମୁଛା ଏହି ପ୍ରାକୃତିକ ରଙ୍ଗରେ ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିର ପ୍ରଶାସନକୁ ଯୋଗାଇ ଦିଆଯିବ ବୋଲି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ହସ୍ତତନ୍ତ୍ର ଗବେଷକ ଜ୍ଞାନେଶ ମିଶ୍ର କହିଛନ୍ତି। ଏହି ଜ୍ଞାନକୌଶଳ ମହିଳାମାନେ ଶିକ୍ଷାଲାଭ କରିପାରିଲେ ଆଗାମୀ ଦିନରେ ପ୍ରାକୃତିକ ରଙ୍ଗ କପଡ଼ା ପ୍ରସ୍ତୁତ କରି ରୋଜଗାରକ୍ଷମ ହୋଇପାରିବେ। ସରକାର ସହଯୋଗର ହାତ ବଢ଼ାଇଥିବାରୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ସ୍ୱାଧୀନତା ସଂଗ୍ରାମୀମାନେ ଚିରବନ୍ଦନୀୟ

ନିମାପଡ଼ା,୨୩।୧(ବିଚିତ୍ରାନନ୍ଦ ସାହୁ)

ସ୍ୱାଧୀନତା ସଂଗ୍ରାମୀମାନେ ହିଁ ଦେଶ ଓ ରାଜ୍ୟବାସୀଙ୍କ ପାଇଁ ଚିରବନ୍ଦନୀୟ, ପୂଜ୍ୟପୂଜାର ପ୍ରତୀକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ପରାକ୍ରମ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ କଲେଜର ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢ଼ୀ, ଡ. ବିଷ୍ଣୁପ୍ରସାଦ ସାହୁ, ଅଧ୍ୟାପକ ଦେବୀଦତ୍ତ ବେହେରା ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ସଂଗ୍ରାମୀ ନେତାଜୀ ସୁଭାଷ ବୋଷ, ବୀର ସୁରେନ୍ଦ୍ର ସାଏଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଆଜିର ଯୁବସମାଜ ଏହି ୨ ଜନନାୟକଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ

ସାକ୍ଷୀଗୋପାଳ,୨୩।୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଶାସନ ବୀରରାମଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାକ୍ତନ ଛାତ୍ର ପରିଷଦ ପକ୍ଷରୁ ବିଦ୍ୟାଳୟ ସମ୍ମୁଖରେ ମହାପୁରୁଷ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଶହୀଦ ଜୟୀ ରାଜଗୁରୁ ଓ ସ୍ୱର୍ଗତ ଶିକ୍ଷକ ଭୋଳାନାଥ ପତିଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଛାତ୍ର ପରିଷଦ ସଭାପତି ବ୍ରଜକିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଷ୍ଟର୍ନ ମିଡିଆ ଗ୍ରୁପ୍‌ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଜୟୀ ରାଜଗୁରୁ ସ୍ମୃତି କମିଟି ସମ୍ପାଦକ ଡକ୍ଟର ଜଟାଧାରୀ ମିଶ୍ର ଓ ଉତ୍କଳ ସ୍ୱାଭିମାନ ମଞ୍ଚ ସଭାପତି ରାଧାକାନ୍ତ ଦାସ, ଅବସରପ୍ରାପ୍ତ ବିଚାରପତି ଦେବଯାନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମହାପୁରୁଷମାନଙ୍କ ଜୀବନୀ, ଦେଶ ସେବା, ତ୍ୟାଗ ଓ ବଳିଦାନ ସମ୍ପର୍କରେ ଯୋଗ ଦେଇଥିବା ଅତିଥିମାନେ ଅନେକ ଶିକ୍ଷଣୀୟ ସୂଚନା ପ୍ରଦାନ କରିଥିଲେ। ପରେ ରମା ସୁନ୍ଦରୀ ପତି, ବୃନ୍ଦାବନ ରଥ, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଦେବରାଜ ରଥ, ଡ. ନରହରି ମିଶ୍ର, ସଙ୍ଗୀତଜ୍ଞ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଶିକ୍ଷୟିତ୍ରୀ ସୁଜାତା ଦେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଣ୍ଠଶିଳ୍ପୀ ଦେବସ୍ମିତା ହୋତା ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସମ୍ପାଦକ ସବୁଜ କେଶରୀ ମିଶ୍ର ବିବରଣୀ ପାଠ କରିଥିଲେ। ସଂଗ୍ରାମ କେଶରୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଯୁବକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

ଯୋଗେଶ୍ୱରପୁର,୨୩।୧(ରଶ୍ମିରଞ୍ଜନ ସାହୁ)

ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ ନୟାହାଟ ଫାଣ୍ଡି ପୋଲିସ ମାନସ କୁମାର ନାଥ ଓରଫ କର୍ଣ୍ଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଇଷାଣପୁର ପଞ୍ଚାୟତ ଆମପଡ଼ା ଗ୍ରାମରେ ଗତ ୧୪ ତାରିଖ ରାତିରେ କାଳନ୍ଦୀ ନାଥ ଓ ସୁକାନ୍ତ ନାଥଙ୍କୁ କର୍ଣ୍ଣ ନାଥ, ଅର୍ଜୁନ ନାଥ, ଭୀମ ନାଥ ଓ ବାପା ସନାତନ ନାଥ ଆକ୍ରମଣ କରିଥିଲେ। ଏ ନେଇ କାଳନ୍ଦୀ ଓ ସୁକାନ୍ତ ବୁଧବାର ନୟାହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଗୋପ ଥାନାରେ ୨୨/୨୫, ଦଫା ୩୦୭ରେ ଏକ ମାମଲା ରୁଜୁ କରି ବୁଧବାର ବିଳମ୍ବିତ ରାତିରେ ପୋଲିସ ଅଭିଯୁକ୍ତ ମାନସ କୁମାର ନାଥଙ୍କୁ ଗିରଫ କରିଥିଲା ବେଳେ ଅନ୍ୟମାନେ ଫେରାର୍ ଥିବା ଜଣାପଡ଼ିଛି।

**NOTICE FOR LOSS OF DOCUMENTS**

Notice is hereby given from Asish Kumar Parida that, he has applied for loan to LIC HFL. But at present, he has lost the Original Link Documents i.e. Sale Deed No. 11482003036 dtd. 01/09/2020 and Sale Deed No. 3533 dtd. 20/09/1997, which were kept with him and inspite of his best efforts, failed to trace the same.

Therefore, notice is hereby given to general public that if anybody has got any right, title interest over the property on the missing documents, he/she has to claim before the LIC HFL AT - Chandrasekharpur, Bhubaneswar within 15 days from the date of publication. And after that the documents will lose its legal force and LIC HFL, Bhubaneswar will not be responsible for any claim What-so-ever on the property after 15 days.

**Address for Communication**
LIC HFL, Chandrasekharpur, Bhubaneswar,
B. K. Pattanaik, Advocate,
Mob. No. 9337395558

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTCSBPOT80, ତା.16.01.2025ରିଖ

କାର୍ଯ୍ୟର ନାମ: "ପୂର୍ବ ତଟ ରେଳପଥରର ଲେବୁଲ କ୍ରସିଂ JT-1 ଏବଂ JT-2 କୁ ବନ୍ଦ କରିବା ପାଇଁ ଝାରସୁଗୁଡ଼ା ରୋଡ଼ଠାରେ ପ୍ୟାନେଲ ପରିବର୍ତ୍ତନ କାର୍ଯ୍ୟ ଏବଂ ସରଲା - ଶାସନ, ଜରପଡ଼ା - ତାଳଚେର ରୋଡ଼ ସେକ୍ସନ, JSPL - ବଳରାମ ସେକ୍ସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନର କାର୍ଯ୍ୟ ସମ୍ବନ୍ଧୀୟ ସିଗ୍ନାଲ ଏବଂ ଟେଲିକମ୍ ଇନ୍‌ଫ୍ରିଞ୍ଜମେଣ୍ଟ କୁ ଦୂର କରିବା ପାଇଁ କେବୁଲ, ଲୋକେସନ ବକ୍ସ, ସିଗ୍ନାଲ ପୋଷ୍ଟ ଇତ୍ୟାଦି ସିଗ୍ନାଲ ଏବଂ ଟେଲିକମ୍ ଗିୟରର ପରିବର୍ତ୍ତନ ।"

ଆନୁମାନିକ ମୂଲ୍ୟ : ₹1,42,68,655.00, EMD (₹): 2,21,400.00, ଇ-ଟେଣ୍ଡର ଶେଷ ହେବା ଅବଧି : 24(ଚବିଶ)ମାସ ।

ଇ-ଟେଣ୍ଡର ବନ୍ଦ ହେବା ତାରିଖ : ତା.07.02.2025 ରିଖ (1530 ଘଟିକା), ଇ-ଟେଣ୍ଡର ଖୋଲାଯିବା ତାରିଖ: ତା.07.02.2025 ରିଖ (1530 ଘଟିକା) ।

ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ : www.ireps.gov.in ରେ । ଯଦି ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ)ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ ସମ୍ବଲପୁର

PR-130/CH/24-25

**OFFICE OF THE PRINCIPAL**
**MUNICIPAL COLLEGE, ROURKELA**

No. 184/MCR Date: 22.01.2025

**NOTICE OF INVITATION**

The Principal of Municipal College, Rourkela hereby invites proposals from reputed eligible firms/manufacturers/authorized dealers/suppliers located within State of Odisha for supply of the following items under OHEPEE Grant at the College premies.

1. Moulded Chairs for Girl's Hostel Common Room.
2. Tables for Girl's Hostel Common Room.
3. Table for Physics, Botany, Zoology Labs.

The interested firms may visit the College website i.e. **https://www.municipalcollegerkl.com** and download the Request for Proposal (RfP) documents or visit the college office for detail information and submit their sealed proposal to the Principal by Speed Post/Registered Post as per the terms and conditions mentioned in the RfP documents, so as to reach the college office on or before 21.02.2025 (12.00 Noon). The authority reserves the right to extend, accept or reject any or all the proposal without assigning any reason thereof.

**Sd./- Principal**
**Municipal College, Rourkela**

**ODISHA HYDRO POWER CORPORATION LTD.**
OHPC
**O/o. Sr. GENERAL MANAGER**
**HIRAKUD HYDRO ELECTRIC PROJECT**
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN: U40101OR1995SGC003963

No. HHEP/Tech-W-202/1/546 Date: 22.01.2025

**TENDER CALL NOTICE NO. HHEP-04/2025**

No. CAD-2263: Sealed tenders are invited on item rate contract basis in Double Cover System from the firm/agency/eligible class of contractor registered with the Govt. of Odisha and contractor of equivalent grade/class registered with Central Govt./MES/Railway having valid EPF, ESI, GST, PAN etc. for the following work.

| Sl. No. | Description of work | Cost of tender Paper (Non-refundable) in Rs. | EMD in Rs. (in shape of DD/ BC) | Period of availability of tender at OHPC website | Last date & time of receipt of tender | Date & time of Opeing |
|---|---|---|---|---|---|---|
| 1 | Injection of Polymer Modified Concrete (PMC) grout in the cracks of PH walls of HHEP, Burla | Rs.2360/- (Rs.2000/- + GST @ 18%) | 4850/- | 27.01.25 (11.00 A.M.) to 07.02.25 upto 03.00 P.M. | 07.02.25 upto 03.30 P.M. | 07.02.25 at 04.00 P.M. |

Further details of tender documents, terms & conditions, corrigendum etc. to the tender call notice, please visit our website **www.ohpcltd.com**.

OIPR-04007/11/0019/2425 Sd./- C&P Head, HHEP, Burla

